


ଚତୁର୍ଥ ବର୍ଷ ● ଦ୍ୱିତୀୟ ସଂଖ୍ୟା
ଜାନୁଆରୀ-ଫେବୃଆରୀ, ୨୦୧୯


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)








କଟକର ତୁଳସୀପୁରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ
ଶ୍ରୁତିନ୍ୟାସ ପକ୍ଷରୁ ଜୀବନ ନିର୍ମାଣ ଶିବିର





ବ୍ରହ୍ମଚାରୀ ପ୍ରିୟେଶ ଦର୍ଶନାଚାର୍ଯ୍ୟଙ୍କ ସଂଯୋଜନାରେ ୩୦କୁଣ୍ଡୀୟ ଯଜ୍ଞ




ବ୍ରହ୍ମଚାରୀ ପ୍ରିୟେଶ ଦର୍ଶନାଚାର୍ଯ୍ୟଙ୍କ ସଂଯୋଜନାରେ ୩୦କୁଣ୍ଡୀୟ ଯଜ୍ଞ



ନିରଞ୍ଜନ ରଥଙ୍କୁ ସମ୍ବର୍ଦ୍ଧନା



ସ୍ୱାମୀ ସୁଧାନନ୍ଦଙ୍କୁ ସମ୍ବର୍ଦ୍ଧନା




ସ୍ୱାମୀ ବିବେକାନନ୍ଦଙ୍କୁ ସମ୍ବର୍ଦ୍ଧନା



ବେଦଭୂଷଣଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଶୀର୍ବାଦ



ଦୀପ୍ତିରଞ୍ଜନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଶୀର୍ବାଦ

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଚ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org

**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-4, Issue-2, Jan-Feb. 2019

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଈଶ୍ୱରଙ୍କ ନାମ 'ଓମ୍' | ୦୨ |
| ୦୨. | ଶାନ୍ତିକରଣମ୍ | ୦୯ |
| ୦୩. | ଜୀବ କ'ଣ ? | ୧୩ |
| ୦୪. | ବେଦଧାମ ସଂକଳ୍ପନା | ୨୦ |
| ୦୫. | ସତ୍ୟାର୍ଥ ପ୍ରକାଶ | ୨୫ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

**ସର୍ବେ ଭବନ୍ତୁ ସୁଖିନଃ :**

# ଈଶ୍ୱରଙ୍କ ନାମ 'ଓମ୍'

**ପୂର୍ବାନୁକ୍ରମିକ...**

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**ଏଷାଂ ଭୂତାନାଂ ପୃଥିବୀ ରସଃ, ପୃଥିବ୍ୟା ଆପୋ ରସଃ, ଅପାମୋଷଧୟୋ ରସଃ, ଓଷଧୀନାଂ ପୁରୁଷୋ ରସଃ, ପୁରୁଷସ୍ୟ ବାଗ୍ ରସଃ, ବାଚ ଋଗ୍ ରସଃ, ଋଚଃ ସାମ ରସଃ, ସାମ୍ନଃ ଉଦ୍‌ଗୀଥୋ ରସଃ ॥ ୨ ॥**

**ସ ଏଷ ରସାନାଂ ରସତମଃ ପରମଃ ପରାର୍ଦ୍ଧ୍ୟୋଽଷ୍ଟମୋ ୟଦୁଦ୍‌ଗୀଥଃ ॥ ୩ ॥**

(ଛାନ୍ଦୋଗ୍ୟ. ୧ : ୧ : ୨ ,୩)

ଏ ପଞ୍ଚ ମହାଭୂତର ରସ = ସାର ହେଲା ପୃଥିବୀ ଅର୍ଥାତ୍ ପଞ୍ଚ ମହାଭୂତ ମଧ୍ୟରେ ମଣିଷର ନିବାସ ପାଇଁ ପୃଥିବୀ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ। ପୃଥିବୀର ରସ = ସାର ହେଲା ଜଳ ଅର୍ଥାତ୍ ପୃଥିବୀରେ ମଣିଷ ଜୀବନର ଅସ୍ତିତ୍ୱ ନିମନ୍ତେ ଜଳ ଅତ୍ୟୁପଯୋଗୀ। ଜଳର ସାର ହେଲା ଓଷଧି ଅର୍ଥାତ୍ ଜଳ ଅପେକ୍ଷା ବି ଓଷଧି-ବନସ୍ପତିର ମହତ୍ତ୍ୱ ଅଧିକ। ଓଷଧି-ବନସ୍ପତିର ସାର ହେଉଛି ମାନବଦେହ ଅର୍ଥାତ୍ ଓଷଧି-ବନସ୍ପତିର ରସରୁ ହିଁ ମାନବଶରୀରର ନିର୍ମାଣ ହୁଏ। ମାନବଶରୀରର ସାର ହେଲା ବାଣୀ ଅର୍ଥାତ୍ ମଣିଷର ମହତ୍ତ୍ୱ ତା'ର ବାଣୀ, ବାକ୍‌ଶକ୍ତି କାରଣରୁ ରହିଛି। ବାଣୀର ସାର ହେଉଛି ଋଚା = ବେଦ ଅର୍ଥାତ୍ ବାଣୀର ମହତ୍ତ୍ୱ ବେଦମନ୍ତ୍ରର ଉଚ୍ଚାରଣ, ଆଲୋଚନାରେ ପର୍ଯ୍ୟବେଶିତ। ବେଦ ମନ୍ତ୍ରର ସାର ହେଲା ସାମ-ଗାନ ଅର୍ଥାତ୍ ସମସ୍ତ ବେଦମନ୍ତ୍ରର ସାର ହେଲା ସାମବେଦ ଦ୍ୱାରା ଭଗବାନଙ୍କ ଯଶୋଗାନ। ସାମ-ଗାନର ରସ ଉଦ୍‌ଗୀଥ ଅର୍ଥାତ୍ 'ଓମ୍'ର ଗାନ ମାଧ୍ୟମରେ ପ୍ରଭୁଙ୍କ ଗୁଣଗାନ, ସ୍ତୁତି-ପ୍ରାର୍ଥନା-ଉପାସନା। ଏ ସକଳ ଆଳଙ୍କାରିକ କଥନର ତାତ୍ପର୍ଯ୍ୟ ହେଲା ଯେ ଏହି ମାନବଶରୀରର ଉତ୍କର୍ଷର ହେତୁ ହେଉଛି ତା'ର ବାକ୍ ଶକ୍ତି। ଆଉ ଯଦି ଏହି ବାଣୀ ଦ୍ୱାରା 'ଓମ୍' ଉଚ୍ଚାରଣ; ମହାମହିମାସମ୍ପନ୍ନ, ସକଳ କଲ୍ୟାଣନିଧାନ ପରମାତ୍ମାଙ୍କ ଯଶୋଗାନ ନ ହେଲା ତେବେ ସେ ବାଣୀ ଥାଇ ମଧ୍ୟ ନଥିବା ସଂଗେ ସମାନ।

ଏ ଯେଉଁ ଉଦ୍‌ଗୀଥ, ଏହା ସବୁ ରସ ମଧ୍ୟରେ ରସତମ ଅର୍ଥାତ୍ ସାରତମ, ସର୍ବୋତ୍କୃଷ୍ଟ, ପରମରସ। ଅନ୍ନରୁ ଯେପରି ରସ-ରକ୍ତ ଆଦି ନିର୍ମାଣ ହୋଇ-ହୋଇ ଅଷ୍ଟମ ସ୍ତରରେ ଓଜର ନିର୍ମାଣ ହୁଏ, ଶରୀରରେ ଓଜ ସବୁଠୁ ମୂଲ୍ୟବାନ୍ ଧାତୁ ଅଟେ, ସେହିପରି ଉଦ୍‌ଗୀଥ = ଓମ୍-ଗାନ ସର୍ବୋତ୍କୃଷ୍ଟ ଅଟେ। ଯେଉଁପରି ଷଡ଼ଜ, ଋଷଭ, ଗାନ୍ଧାର, ମଧ୍ୟମ (ସରଗମ) ଆଦି ସ୍ୱରସପ୍ତକର (ସା ରେ ଗା ମା ପା ଧା ନି ସା) ଶେଷରେ ଗାନ କରାଯାଉଥିବା 'ସା' ସବୁଠୁ ଉଚ୍ଚ ଧ୍ୱନିରେ ହୋଇଥାଏ, ସେହିପରି ସମସ୍ତ ସାମ-ଗାନ ମଧ୍ୟରେ ଓମ୍-ଗାନ ମୂର୍ଦ୍ଧନ୍ୟ ଅଟେ।

ଏହି ଉପନିଷଦରେ 'ଓମ୍' ମହିମା ବିଷୟରେ ଆହୁରି ମଧ୍ୟ କୁହାଯାଇଛି — **'ତେନେୟଂ ତ୍ରୟୀ ବିଦ୍ୟା ବର୍ତ୍ତତେ'** (ଛାନ୍ଦୋଗ୍ୟ. ୧ : ୧ : ୯) — ଏହି 'ଓମ୍' କାରଣରୁ ତ୍ରୟୀ ବିଦ୍ୟା ଅର୍ଥାତ୍ ଜ୍ଞାନ-କର୍ମ-ଉପାସନାବିଦ୍ୟା ସମ୍ବଳିତ ଚାରି ବେଦର ଅସ୍ତିତ୍ୱ ଅଛି ଅଥବା ଏହି 'ଓମ୍' ସହ ଚାରି ବେଦ ରହିଥାଏ। ଏହି କଥନର ଭାବ ହେଲା ଯେ ଚାରି ବେଦର ରଚନା 'ଓମ୍' ବାଚ୍ୟ ପରମେଶ୍ୱରଙ୍କ ଦ୍ୱାରା ହୋଇଛି ତଥା ଏହା ଈଶ୍ୱରୀୟ ଜ୍ଞାନ ହୋଇଥିବାରୁ ଏହା ତାଙ୍କ ସହ ସଦା ରହିଥାଏ।

ଏହି ଉପନିଷଦ (୧ : ୨)ରେ 'ଓମ୍' ଉପାସନା ଦ୍ୱାରା ଆସୁରୀ-ପ୍ରବୃତ୍ତି ଉପରେ ଦୈବୀ-ପ୍ରବୃତ୍ତିର ବିଜୟ କଥା ଆଳଙ୍କାରିକ ରୂପେ ବର୍ଣ୍ଣନା କରାଯାଇଛି। ଆଗକୁ ପଥମ ପ୍ରପାଠକର ଚତୁର୍ଥ ଖଣ୍ଡରେ ତଥା ପଞ୍ଚମ ଖଣ୍ଡର ପ୍ରାରମ୍ଭରେ ପ୍ରକାରାନ୍ତରେ 'ଓମ୍'ର ମହତ୍ତ୍ୱ ବର୍ଣ୍ଣନା

କରାଯାଇଛି। ଏଥିରେ 'ଓଁମ୍' ସମ୍ବନ୍ଧରେ କେତେକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା କୁହାଯାଇଛି —

**ଓମିତ୍ୟେତଦକ୍ଷରମୁଦ୍‌ଗୀଥମୁପାସୀତ, ଓମିତି ହ୍ୟୁଦ୍‌ଗାୟତି ତସ୍ୟୋପବ୍ୟାଖ୍ୟାନମ୍ ॥ ୧ ॥**

**ଦେବା ବୈ ମୃତ୍ୟୋର୍ବିଭ୍ୟତଃ ତ୍ରୟୀଂ ବିଦ୍ୟାଂ ପ୍ରାବିଶନ୍ ତେ ଛନ୍ଦୋଭିରଚ୍ଛାଦୟନ୍। ୟଦେଭିରଚ୍ଛାଦୟନ୍ ତଚ୍ଛନ୍ଦସାଂ ଛନ୍ଦସ୍ତ୍ୱମ୍ ॥ ୨ ॥**

**ତାନୁ ତତ୍ର ମୃତ୍ୟୁର୍ୟଥା ମତ୍ସ୍ୟମୁଦକେ ପରିପଶ୍ୟେଦ୍ ଏବଂ ପର୍ୟପଶ୍ୟଦ୍ ଋଚି ସାମ୍ନି ୟଜୁଷି। ତେ ନୁ ବିତ୍ତ୍ୱୋର୍ଦ୍ଧ୍ୱା ଋଚଃ ସାମ୍ନୋ ୟଜୁଷଃ ସ୍ୱରମେବ ପ୍ରାବିଶନ୍ ॥ ୩ ॥**

**ୟଦା ବା ଋଚମାପ୍ନୋତି ଓମ୍ ଇତ୍ୟେବାତିସ୍ୱରତି, ଏବଂ ସାମ, ଏବଂ ୟଜୁଃ। ଏଷ ଉ ସ୍ୱରୋ, ୟଦେତଦକ୍ଷରମ୍, ଏତଦମୃତମଭୟମ୍, ତତ୍‌ପ୍ରବିଶ୍ୟ ଦେବା ଅମୃତା ଅଭୟା ଅଭବନ୍ ॥ ୪ ॥**

**ସ ୟ ଏତଦେବଂ ବିଦ୍ୱାନକ୍ଷରଂ ପ୍ରଣୌତି, ଏତଦେବାକ୍ଷରଂ ସ୍ୱରମମୃତମଭୟଂ ପ୍ରବିଶତି, ତତ୍ ପ୍ରବିଶ୍ୟ ୟଦମୃତା ଦେବାଃ, ତଦମୃତୋ ଭବତି ॥୫॥**

(ଛାନ୍ଦୋଗ୍ୟ. ୧:୪:୧-୫)

ମଣିଷ 'ଓମ୍' ଏହି ଅକ୍ଷରକୁ ଉଦ୍‌ଗୀଥ ବୋଲି ବୁଝି ଉପାସନା କରିବା ଉଚିତ। ଉଦ୍‌ଗାତା ଉଚ୍ଚସ୍ୱରରେ ଏହି 'ଓଁମ୍'ର ହିଁ ଗାନ କରିଥାନ୍ତି। 'ଓଁମ୍'ର ଏକ ଛୋଟ ବ୍ୟାଖ୍ୟାନ ହେଲା —

ଦେବତାମାନେ ମୃତ୍ୟୁର ଭୟରେ ଭୟଭୀତ ହୋଇ ତ୍ରୟୀ ବିଦ୍ୟା ଅର୍ଥାତ୍ ଜ୍ଞାନ-କର୍ମ-ଉପାସନା ବିଦ୍ୟା ରୂପକ ବେଦଚତୁଷ୍ଟୟରେ ପଶିଗଲେ, ଲୁଚିଗଲେ। ସେମାନେ ନିଜକୁ ଛନ୍ଦରୂପକ ମନ୍ତ୍ରରେ ଢାଙ୍କିଦେଲେ, ଆଚ୍ଛାଦିତ କରିନେଲେ। ଅର୍ଥାତ୍ ସେମାନେ ତିନି ପ୍ରକାର ବିଦ୍ୟା ବିଶିଷ୍ଟ ବେଦମନ୍ତ୍ର ପାଠ କରିବାକୁ ଲାଗିଲେ। ସେମାନେ ଭାବିଲେ ଯେ ବେଦର ମନ୍ତ୍ରଗୁଡ଼ିକର କେବଳ ପାଠ କରିନେବା ମୃତ୍ୟୁରୁ ବର୍ତ୍ତିଯିବା, ଅମରତ୍ୱ ଲାଭ କରିବା ନିମନ୍ତେ ପର୍ଯ୍ୟାପ୍ତ। ମୃତ୍ୟୁରୁ ରକ୍ଷାପାଇବା ନିମନ୍ତେ ଯେହେତୁ ସେମାନେ ନିଜକୁ ଛନ୍ଦରେ ଆଚ୍ଛାଦିତ କଲେ, ତେଣୁ ଏହା ହେଲା ଛନ୍ଦର ଛନ୍ଦତ୍ୱ ଅର୍ଥାତ୍ ଆଚ୍ଛାଦିତ କରିନେବା କାରଣରୁ ବେଦର ମନ୍ତ୍ରକୁ ଛନ୍ଦ ବୋଲି କୁହାଯାଏ ॥ ୨ ॥

କିନ୍ତୁ କେବଳ ବେଦର ଛନ୍ଦ(ମନ୍ତ୍ର)କୁ ପାଠ କରିବା ଦ୍ୱାରା କିଏ କ'ଣ ମୃତ୍ୟୁରୁ ବର୍ତ୍ତିଯାଇପାରେ ? ମଣିଷ ଯେପରି ପାଣି ଭିତରେ ଥିବା ମାଛକୁ ଦେଖିନିଏ, ସେହିପରି ମୃତ୍ୟୁ ମଧ୍ୟ ଛନ୍ଦ ଭିତରେ — ଋକ୍, ଯଜୁ, ସାମରେ — ଲୁଚିଥିବା ସେମାନଙ୍କୁ ଦେଖିଦେଲା। ଦେବତାମାନେ ଯେତେବେଳେ ଜାଣିଲେ ଯେ ମୃତ୍ୟୁ ସେମାନଙ୍କୁ ଦେଖିଦେଇଛି ସେତେବେଳେ ସେମାନେ ଛନ୍ଦରୁ - ଋକ୍, ଯଜୁ ଓ ସାମରୁ - ଉପରକୁ ଉଠି, ବାହାରି ସ୍ୱରରେ ପ୍ରବିଷ୍ଟ ହୋଇଗଲେ ॥ ୩ ॥

ଋଚାରୁ ଊର୍ଦ୍ଧ୍ୱରେ ଯାଇ ପହଞ୍ଚିବାର ଅର୍ଥ କ'ଣ ? ବିଦ୍ୱାନ୍ ଯେତେବେଳେ ଋଚାକୁ ପ୍ରାପ୍ତ କରି ତା' ଉପରେ ଯାଇ ପହଞ୍ଚେ, ସେତେବେଳେ 'ଓଁମ୍'ର ହିଁ ଦୀର୍ଘ ସ୍ୱରରେ ଉଚ୍ଚାରଣ କରେ। ଏହିଭଳି ଭାବେ ସାମବେଦ ଓ ଯଜୁର୍ବେଦର ତତ୍ତ୍ୱକୁ ହୃଦୟଙ୍ଗମ କରି ଦୀର୍ଘ ସ୍ୱରରେ 'ଓଁମ୍' ଉଚ୍ଚାରଣ ହିଁ କରେ। ଏ ଯେଉଁ 'ଓଁମ୍' ଅକ୍ଷର ଏହା ହିଁ ସ୍ୱର, ଏହା ହିଁ ଅମୃତ = ମୃତ୍ୟୁରୁ ରକ୍ଷକ ଓ ଅଭୟ = ଭୟବିନାଶକ। ଏହି 'ଓଁମ୍' ସ୍ୱରରେ ପ୍ରବିଷ୍ଟ ହୋଇ, ଦୀର୍ଘ ସ୍ୱରରେ 'ଓଁମ୍' ଜପ କରି-କରି ଦେବତାମାନେ 'ଅମୃତ' ଓ 'ଅଭୟ' ହୋଇଗଲେ ॥ ୪ ॥

ଯେଉଁ ଉପାସକ-ସାଧକ ଓଙ୍କାରୋପାସନାର ଏହି ରହସ୍ୟକୁ ଜାଣିନିଏ ଏବଂ ଦୀର୍ଘ ସ୍ୱରରେ 'ଓଁମ୍' ଅକ୍ଷର ଦ୍ୱାରା ସେହି ଅକ୍ଷର-ବ୍ରହ୍ମଙ୍କର ସ୍ତୁତି-ଉପାସନା କରେ ସେ ଏହି ଅକ୍ଷର-ସ୍ୱରରେ ତଥା ସେହି ଅମୃତ-ଅଭୟ ସତ୍ତାରେ ପ୍ରବିଷ୍ଟ ହୋଇଯାଏ। ଓଙ୍କାର ରୂପୀ ଅକ୍ଷର-ସ୍ୱରରେ ପ୍ରବେଶ କରିବା ପରେ ଓଙ୍କାରୋପାସନା ଦ୍ୱାରା ଦେବତାମାନେ ଯେପରି ଅମୃତ ଅର୍ଥାତ୍ ଅମର ହୋଇଥିଲେ ସେ ମଧ୍ୟ ସେପରି ଅମୃତ ହୋଇଯାଏ ॥ ୫ ॥

ଏହି ସନ୍ଦର୍ଭରେ ସୁନ୍ଦର ଆଳଙ୍କାରିକ ଶୈଳୀରେ ଉପନିଷଦର ଋଷି 'ଓଁମ୍'ର ମହତ୍ତ୍ୱ ତଥା 'ଓଁମ୍' ଉପାସନାର ଗୌରବ ନିରୂପଣ କରିଛନ୍ତି। ଅଜ୍ଞାନ, ପ୍ରମାଦ ହିଁ ମୃତ୍ୟୁ ଅଟେ। ସେଥିରୁ ରକ୍ଷା ପାଇବା ପାଇଁ

ବିଦ୍ୟାପ୍ରେମୀଗଣ ବେଦର ଶରଣାପନ୍ନ ହୁଅନ୍ତି। କିନ୍ତୁ ଏହି ସମ୍ପୂର୍ଣ୍ଣ ବ୍ୟାଖ୍ୟାନରେ ଏହା ଉତ୍ତମ ରୂପେ ବୁଝାଇବାର ପ୍ରୟାସ କରାଯାଇଛି ଯେ କେବଳ ଛନ୍ଦର ଅର୍ଥାତ୍ ବେଦମନ୍ତ୍ରର ପାଠ କରିନେବା ଅମର ପଦ ପ୍ରାପ୍ତ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଦେବତାମାନେ ଅମର ପଦ ପ୍ରାପ୍ତ କରିବା ପାଇଁ ପ୍ରଥମେ ଛନ୍ଦରେ ପ୍ରବେଶ କଲେ, ମନ୍ତ୍ରର ଛନ୍ଦ-ଗାନ କରିନେବାକୁ ସେମାନେ ପର୍ଯ୍ୟାପ୍ତ ମନେକଲେ; କିନ୍ତୁ ମୃତ୍ୟୁ ସେମାନଙ୍କ ପିଛା ଛାଡ଼ିଲା ନାହିଁ, ଅଜ୍ଞାନ-ଭୟରୁ ସେମାନେ ବର୍ତ୍ତିପାରିଲେ ନାହିଁ। ବେଦର ଶରଣ ନେଇ ମଧ୍ୟ ଯିଏ ବେଦର ପରମ ତାତ୍ପର୍ଯ୍ୟ ପରଂବ୍ରହ୍ମଙ୍କୁ ଜାଣିବାର ପ୍ରୟାସ କରେ ନାହିଁ ସେ କାଳର କରାଳ ଗର୍ଭରେ ବିଲୀନ ହୋଇଯାଏ। ଦେବତାମାନେ ଯେତେବେଳେ ଛନ୍ଦର ପାଠରୁ ଊର୍ଦ୍ଧ୍ୱକୁ ଉଠି, ଓମ୍‌କାର ସ୍ୱରରେ ଲୀନ ହୋଇଗଲେ, 'ଓମ୍' ଗାନ ଦ୍ୱାରା ପରମାତ୍ମାଙ୍କ ସ୍ତୁତି-ଉପାସନାରେ ଆତ୍ମବିଭୋର ହୋଇଗଲେ ସେତେବେଳେ ସେମାନେ ଅମୃତ ଓ ଅଭୟ ହୋଇଗଲେ। ଅତଃ ସାଧକ-ଉପାସକ ସେହି ପରମତତ୍ତ୍ୱର ସାକ୍ଷାତ୍‌କାର କରିବା ପାଇଁ 'ଓମ୍'ର ଆଶ୍ରୟ ନିଅନ୍ତି।

କଠୋପନିଷଦରେ କୁହାଯାଇଛି —

**ଏତଦାଲମ୍ବନଂ ଶ୍ରେଷ୍ଠମେତଦାଲମ୍ବନଂ ପରମ୍।**
**ଏତଦାଲମ୍ବନଂ ଜ୍ଞାତ୍ୱା ବ୍ରହ୍ମଲୋକେ ମହୀୟତେ ॥**

(କଠ. ୨:୧୭)

ଏହି 'ଓମ୍' ସର୍ବଶ୍ରେଷ୍ଠ, ସର୍ବୋତ୍କୃଷ୍ଟ ଆଲମ୍ବନ, ଅବଲମ୍ବନ, ସାହାରା, ଆଶ୍ରୟ ଅଟେ। ଏହି ଆଲମ୍ବନକୁ ଜାଣି, ଏହାକୁ ଆଶ୍ରୟ କରି, ଏହାର ଉଚିତ ଅନୁଷ୍ଠାନ କରି ଜୀବାତ୍ମା ବ୍ରହ୍ମଲୋକ ଅର୍ଥାତ୍ ମୁକ୍ତିରେ ମହିମାବାନ୍ ହୋଇଯାଏ, ଅମୃତ-ଶାଶ୍ୱତ ଆନନ୍ଦର ଅଧିକାରୀ ହୋଇଯାଏ।

ବେଦ-ଶାସ୍ତ୍ରରେ 'ଓମ୍'ର ମହିମା ଭରି ରହିଛି। ଗୋପଥବ୍ରାହ୍ମଣ ଉତ୍ତରଭାଗର ତୃତୀୟ ପ୍ରପାଠକର ୧୧ କଣ୍ଡିକାରେ କୁହାଯାଇଛି —

**ଅମୃତଂ ବୈ ପ୍ରଣବଃ, ଅମୃତେନୈବ ତନ୍ମୃତ୍ୟୁଂ ତରତି। ତଦ୍ୟଥା ମନ୍ତ୍ରେଣ ବା ବଂଶେନ ବା ଗର୍ତ୍ତଂ ସଂକ୍ରାମେତ୍, ଏବଂ ତତ୍ପ୍ରଣବେନୋପସନ୍ତନୋତି। ବ୍ରହ୍ମ ବୈ ପ୍ରଣବଃ, ବ୍ରହ୍ମଣୈବାସ୍ମୈ ତଦ୍ ବ୍ରହ୍ମୋପସନ୍ତନୋତି।**

ପ୍ରଣବ ଅମୃତ ଅଟେ। ଉପାସକ ଏ ଅମୃତ ଦ୍ୱାରା ମୃତ୍ୟୁକୁ ପାର କରେ। ମନ୍ତ୍ର (ବିଚାର, ଯୋଜନା) ଅଥବା ବାଉଁଶ ଦ୍ୱାରା ଯେଉଁପରି ଗର୍ତ୍ତକୁ ଲଙ୍ଘନ କରାଯାଏ, ସେହିପରି ପ୍ରଣବ ରୂପକ ସେତୁ ଦ୍ୱାରା ମୃତ୍ୟୁର ଗର୍ତ୍ତକୁ ଅତିକ୍ରମ କରିହୁଏ। ବ୍ରହ୍ମ ହିଁ ପ୍ରଣବ ଅଟନ୍ତି, ଅର୍ଥାତ୍ ପ୍ରଣବ ବ୍ରହ୍ମଙ୍କର ବାଚକ। ସାଧକ ବ୍ରହ୍ମଙ୍କ ବାଚକ ଦ୍ୱାରା ବ୍ରହ୍ମଙ୍କୁ ପ୍ରାପ୍ତ କରିନିଏ। ଅତଏବ ଜନ୍ମମରଣ ଚକ୍ରରୁ ଉଦ୍ଧାର ପାଇବା ପାଇଁ ପ୍ରଣବ ସର୍ବୋତ୍କୃଷ୍ଟ ସାହାରା।

**ତସ୍ମାଦୋମିତି ପ୍ରଣୌତି। ଓମିତି ବୈ ସ୍ୱର୍ଗୋ ଲୋକଃ। ଓମିତ୍ୟସୌ ଯୋ ଽସୌ ତପତି ॥**

(ଐତରେୟ ବ୍ରାହ୍ମଣ. ୫:୩୨)

ତେଣୁ 'ଓମ୍' ଏହି ଶବ୍ଦ ଦ୍ୱାରା ବ୍ରହ୍ମଙ୍କ ସ୍ତୁତି କରାଯାଏ। ଏହି 'ଓମ୍' ହିଁ ସମ୍ପୂର୍ଣ୍ଣ ଜଗତକୁ ତପ୍ତ କରୁଛି, ଅର୍ଥାତ୍ ସର୍ବତ୍ର ଯିଏ ଜୀବନରୂପକ ତାପ ପହଞ୍ଚାଉଛନ୍ତି ସେ 'ଓମ୍' ହିଁ ଅଟନ୍ତି।

ପ୍ରଶ୍ନୋପନିଷଦରେ ମଧ୍ୟ 'ଓମ୍' ଧ୍ୟାନ-ଜପର ଫଳ ବିଷୟରେ ବିଶଦ ବର୍ଣ୍ଣନା ଉପଲବ୍ଧ —

**ଅଥ ହୈନଂ ଶୈବ୍ୟଃ ସତ୍ୟକାମଃ ପପ୍ରଚ୍ଛ। ସ ଯୋ ହ ବୈ ତଦ୍ ଭଗବନ୍! ମନୁଷ୍ୟେଷୁ ପ୍ରାୟାଣାନ୍ତମ୍-ଓଂକାରମ୍-ଅଭିଧ୍ୟାୟୀତ। କତମଂ ବାବ ସ ତେନ ଲୋକଂ ଜୟତୀତି ॥ ୧ ॥**

ଶିବିଙ୍କ ପୁତ୍ର ସତ୍ୟକାମ ପିପ୍ପଳାଦ ଋଷିଙ୍କୁ ପଚାରିଲେ — 'ହେ ଭଗବନ୍! ଯେଉଁ ବ୍ୟକ୍ତି ଆଜୀବନ, ମରଣପର୍ଯ୍ୟନ୍ତ ଓଂକାରର ଧ୍ୟାନ ଅର୍ଥାତ୍ 'ଓମ୍' ଜପ ମାଧ୍ୟମରେ 'ଓମ୍' ବାଚ୍ୟ ପରଂବ୍ରହ୍ମଙ୍କ ଧ୍ୟାନ କରେ ତଦ୍ଦ୍ୱାରା ସେ କି ଫଳ ପ୍ରାପ୍ତ କରେ, କେଉଁ ଲୋକକୁ ଜୟ କରେ ?

**ତସ୍ମୈ ସ ହୋବାଚ, ଏତଦ୍‌ବୈ ସତ୍ୟକାମ! ପରଂ ଚାପରଂ ଚ ବ୍ରହ୍ମ ଯଦୋଂକାରଃ। ତସ୍ମାଦ୍ ବିଦ୍ୱାନେ-**

**ତେନୈବାୟତନେନୈକତରମନ୍ୱେତି ॥ ୨ ॥**

ପିପ୍ପଳାଦ ଋଷି ଉତ୍ତର ଦେଲେ— 'ହେ ସତ୍ୟକାମ ! ଏହି ଓଂକାର ହିଁ 'ପର' ତଥା 'ଅପର' ବ୍ରହ୍ମ। ଏଣୁ ବିଦ୍ୱାନ୍ ବ୍ୟକ୍ତି ଏହି ଓମ୍‌କାରର ସହାୟତାରେ ପର ଅଥବା ଅପର ବ୍ରହ୍ମଙ୍କୁ ପ୍ରାପ୍ତ କରିନିଅନ୍ତି।

ଏ କଥନର ଅଭିପ୍ରାୟ ହେଲା ଯେ ଓମ୍‌କାର-ଉପାସନା ଦ୍ୱାରା ଓମ୍-ବାଚ୍ୟ ବ୍ରହ୍ମଙ୍କ ପର-ରୂପକୁ ମଧ୍ୟ ପ୍ରାପ୍ତ କରାଯାଇପାରେ ଏବଂ ଅପର-ରୂପକୁ ମଧ୍ୟ ପ୍ରାପ୍ତ କରାଯାଇପାରେ। ବ୍ରହ୍ମଙ୍କ ପର-ରୂପ ଓ ଅପର-ରୂପ କ'ଣ ? ବ୍ରହ୍ମଙ୍କ ପର-ରୂପର ଅର୍ଥ ହେଲା— ଏହି ପରିବର୍ତ୍ତନଶୀଳ ସୃଷ୍ଟିର ଉର୍ଦ୍ଧ୍ୱରେ ବ୍ରହ୍ମଙ୍କର ଯେଉଁ ନିର୍ଲେପ-ରୂପ ଅଛି ଅର୍ଥାତ୍ ସୃଷ୍ଟି ବ୍ୟାପାରରେ ଅସଂପୃକ୍ତ ସ୍ୱରୂପ (ଗୁଣ) ଅଛି ତାହା ପର-ରୂପ। ଅପର-ରୂପ ହେଲା ସୃଷ୍ଟି ମାଧ୍ୟମରେ ଅର୍ଥାତ୍ ସୃଷ୍ଟିର କର୍ତ୍ତା-ଧର୍ତ୍ତା-ସଂହର୍ତ୍ତା, କର୍ମଫଳ ପ୍ରଦାତା ରୂପେ ଈଶ୍ୱରଙ୍କ ଯେଉଁ ସ୍ୱରୂପ (ଗୁଣ-କର୍ମ-ସ୍ୱଭାବ) ଅନୁଭବକୁ ଆସେ। ଯୋଗୀମାନେ ବ୍ରହ୍ମଙ୍କର ସଂସାର-ବିଷୟରେ ଅସମ୍ପୃକ୍ତ, ଧ୍ୟାନଗମ୍ୟ, ଯୋଗସାଧନାରେ ଜ୍ଞେୟ ପର-ରୂପ **— 'ଅକାମଂ, ଅସ୍ନାବିରଂ, ଶୁଦ୍ଧଂ, ଅପାପବିଦ୍ଧଂ, କବିଃ, ମନୀଷୀଃ** ସ୍ୱରୂପ-କୁ ଉପାସନା କରନ୍ତି। ସାଂସାରିକ ଲୋକମାନେ ବ୍ରହ୍ମଙ୍କର ସୃଷ୍ଟି ରଚୟିତା-ପାଳୟିତା, ସୁଖ-ଦୁଃଖ କର୍ମଫଳଦାତା ରୂପେ ଅନୁମେୟ, ଅପର-ରୂପକୁ ଉପାସନା କରନ୍ତି। ଉପନିଷଦରେ ପର-ବ୍ରହ୍ମଙ୍କ ଉପାସନାର ବର୍ଣ୍ଣନା ଉପଲବ୍ଧ, ଏହା ଜ୍ଞାନ-କାଣ୍ଡ। ବ୍ରାହ୍ମଣ-ଗ୍ରନ୍ଥରେ ଅପର-ବ୍ରହ୍ମଙ୍କ ଉପାସନାର ବର୍ଣ୍ଣନା ଅଛି, ସାଂସାରିକ ସୁଖ କାମନାରେ ବିବିଧ ଯଜ୍ଞ-ଯାଗାଦିର ବର୍ଣ୍ଣନା ଅଛି, ଏହା କର୍ମକାଣ୍ଡ। ମୋକ୍ଷାଭିଳାଷୀ ଯୋଗୀ-ଧ୍ୟାନୀ ବ୍ରହ୍ମଙ୍କ ପର-ରୂପର ଉପାସକ ତ ସାଂସାରିକ ସୁଖାଭିଳାଷୀ ବ୍ରହ୍ମଙ୍କ ଅପର-ରୂପର ଉପାସକ। ପରବ୍ରହ୍ମ ଓ ଅପରବ୍ରହ୍ମ ଉଭୟର ସମନ୍ୱୟ 'ଓମ୍‌କାର'ରେ ହୋଇଯାଏ, 'ଓଂକାର' ଉପାସନା ହିଁ 'ପର' ତଥା 'ଅପର' ବ୍ରହ୍ମଙ୍କ ଉପାସନା। ଯିଏ ଓଂକାରର ଉପାସନା କରେ ସେ ଯୋଗୀ ହୋଇଥିଲେ ତାକୁ ଅଧ୍ୟାତ୍ମର ଶାଶ୍ୱତ-ସୁଖ ପ୍ରାପ୍ତ ହୁଏ ଏବଂ ଯଦି ସେ ସଂସାରୀ ହୋଇଥାଏ, ସାଂସାରିକ ସୁଖାଭିଳାଷୀ ହୋଇଥାଏ ତାକୁ ସାଂସାରିକ ସୁଖ ପ୍ରାପ୍ତ ହୋଇଯାଏ। ଅତଃ ବିଦ୍ୱାନ୍ ବ୍ୟକ୍ତି 'ଓଂକାର'କୁ ହିଁ ସାଧନ ରୂପେ ସ୍ୱୀକାର କରି 'ଓମ୍'-ବାଚ୍ୟ ବ୍ରହ୍ମଙ୍କ ପର ଓ ଅପର ଉଭୟ ରୂପକୁ ସ୍ୱ କାମନା ଆଧାରରେ ପ୍ରାପ୍ତ କରିନିଅନ୍ତି।

**ସ ଯଦି ଏକମାତ୍ରମଭିଧ୍ୟାୟୀତ ସ ତେନୈବ ସଂବେଦିତସ୍ତୂର୍ଣ୍ଣମେବ ଜଗତ୍ୟାମଭିସଂପଦ୍ୟତେ। ତମୃଚୋ ମନୁଷ୍ୟଲୋକମୁପନୟନ୍ତେ ସ ତତ୍ର ତପସା ବ୍ରହ୍ମଚର୍ୟେଣ ଶ୍ରଦ୍ଧୟା ସଂପନ୍ନୋ ମହିମାନମନୁଭବତି ॥ ୩ ॥**

ସାଧକ ଯଦି 'ଓଂକାର'ର ଏକମାତ୍ରାକୁ ବି ଧ୍ୟାନ କରେ, ସେ ତଦ୍ୱାରା ମଧ୍ୟ ଜ୍ଞାନ-ଯୁକ୍ତ ହୋଇ ଶୀଘ୍ର ଜଗତର ସୁଖ-ସାମଗ୍ରୀରେ ସମ୍ପନ୍ନ, ସମୃଦ୍ଧ ହୋଇଯାଏ। ଓଂକାରର ଏକ ମାତ୍ରାର ଧ୍ୟାନ ଋଗ୍‌ବେଦର ଜ୍ଞାନ। ସେହି ଏକ ମାତ୍ରା ଜ୍ଞାନ, ଅର୍ଥାତ୍ ଋକ୍-ଜ୍ଞାନ ତାକୁ 'ମନୁଷ୍ୟଲୋକ'କୁ ନେଇଯାଏ। ମନୁଷ୍ୟ-ଲୋକରେ ଜନ୍ମ ନେଇ ସେ ତପ, ବ୍ରହ୍ମଚର୍ଯ୍ୟ ଓ ଶ୍ରଦ୍ଧାରେ ସମ୍ପନ୍ନ ହୋଇ ମହିମାନ୍ୱିତ ଅନୁଭବ କରେ।

ଓଂକାରରେ ତିନୋଟି ମାତ୍ରା ଅଛି- ଅ, ଉ ଓ ମ। ଏକମାତ୍ରା ଓଂକାରୋପସନାର ଅର୍ଥ ହେଲା ତିନି ମାତ୍ରା ମଧ୍ୟରୁ ଏକ ମାତ୍ରାର ଧ୍ୟାନ କରିବା ଅର୍ଥାତ୍ 'ଓମ୍'ର ଧ୍ୟାନ-ଜପରେ ଚିତ୍ତକୁ କିଛି-କିଛି ଲଗାଇବା। କହିବାର ଅଭିପ୍ରାୟ ହେଲା ଯେ ଯଦି ଏକମାତ୍ରା ଅର୍ଥାତ୍ ଅଳ୍ପ-ଅଳ୍ପ ମଧ୍ୟ 'ଓମ୍'ର ଧ୍ୟାନ-ଜପ କରାଯାଏ, ତଦ୍ୱାରା ବି ତା'ର ଆତ୍ମଜ୍ଞାନ ଜାଗ୍ରତ ହୋଇଯାଏ ଏବଂ ସଂସାରରେ ନ୍ୟାୟ-ଧର୍ମରେ ଜାଗତିକ ସୁଖ ପ୍ରାପ୍ତିର ଯଥାର୍ଥ ମାର୍ଗରେ ସେ ଦୃଢ଼ ହୋଇଯାଏ। ଅନାବଶ୍ୟକ ଭୋଗରେ ମାତିବାର ତା'ର ପ୍ରବୃତ୍ତି ସମାପ୍ତ ହୋଇଯାଏ। ଏହି ସଂସାରରେ ସେ ଯଥାଶୀଘ୍ର ତପ, ବ୍ରହ୍ମଚର୍ଯ୍ୟ ଓ ଶ୍ରଦ୍ଧାରେ ସଂଯୁକ୍ତ, ସମ୍ପନ୍ନ ହୋଇଯାଏ ଏବଂ ଏସବୁର ସମୁଚିତ ଅନୁଷ୍ଠାନ ଦ୍ୱାରା ପରମାତ୍ମାଙ୍କ ମହିମାକୁ ଅନୁଭବ କରେ ଏବଂ ସ୍ୱୟଂ ମହିମାଶାଳୀ ହୋଇଯାଏ। ଏକମାତ୍ରା ଯେପରି ତ୍ରିମାତ୍ର ଓଂକାରର ଏକ ଅଂଶ ସେହିପରି ଋଗ୍‌ବେଦର ଜ୍ଞାନ ତ୍ରୟୀ ବିଦ୍ୟାର ଏକ

ଅଂଶ। ଏହି ଭାବକୁ ଏଠାରେ ପ୍ରକଟ କରାଯାଇଛି।

**ଅଥ ଯଦି ଦ୍ୱିମାତ୍ରେଣ ମନସି ସମ୍ପଦ୍ୟତେ ସୋଽନ୍ତରିକ୍ଷଂ ଯଜୁର୍ଭିରୁନ୍ନୀୟତେ ସୋମଲୋକମ୍। ସ ସୋମଲୋକେ ବିଭୂତିମନୁଭୂୟ ପୁନରାବର୍ତ୍ତତେ ॥ ୪ ॥**

ସାଧକ-ଉପାସକ ଯଦି 'ଓଂକାର'ର ଦୁଇ ମାତ୍ରାର ଧ୍ୟାନ କରେ ତେବେ ସେ ଯଜୁର୍ବେଦର ଜ୍ଞାନ ଦ୍ୱାରା ଅନ୍ତରିକ୍ଷରେ 'ସୋମ-ଲୋକ'କୁ ଉନ୍ନୀତ ହୋଇଯାଏ। ସିଏ ସୋମଲୋକର ବିଭୂତିକୁ ଅନୁଭବ କରି ପୁନଶ୍ଚ ଏହି ଲୋକକୁ ଫେରିଆସେ।

'ଓଂକାର'ର ଦୁଇ ମାତ୍ରାର ଧ୍ୟାନର ଅର୍ଥ ହେଲା 'ଓଂକାର' ଧ୍ୟାନରେ ଚିତ୍ତକୁ ଆଉ ଟିକେ ଅଧିକ ସମୟ ଏକାଗ୍ର କରିବା। ଏତଦ୍ଦ୍ୱାରା ସେ ଅନ୍ତରିକ୍ଷରେ ସୋମଲୋକରେ ପହଞ୍ଚିଯାଏ। 'ସୋମ-ଲୋକ' କୌଣସି ଦୂରସ୍ଥ ଲୋକ-ଲୋକାନ୍ତର ନୁହେଁ। ସୋମ-ଲୋକ ଏହିଠାରେ, ଏହି ପୃଥିବୀରେ, ଏହି ଶରୀରରେ ହିଁ ବିଦ୍ୟମାନ। ଏହା ମାନସିକ-ଶାନ୍ତିର ଲୋକ। ଉପନିଷଦର କଥନର ଅଭିପ୍ରାୟ ହେଲା ଯେ 'ଓମ୍'ର ଜପ-ଧ୍ୟାନରେ ଅଧିକ ସମୟ ମନ-ଚିତ୍ତ ଏକାଗ୍ର କରିବା ଦ୍ୱାରା ସାଧକକୁ ପାର୍ଥିବ-ଜଗତର ସୁଖ-ଭୋଗ ସାଙ୍ଗକୁ ମାନସିକ-ଶାନ୍ତି ମଧ୍ୟ ପ୍ରାପ୍ତ ହୁଏ। ଅର୍ଥାତ୍ ପାର୍ଥିବ-ସମ୍ପଦ ସାଙ୍ଗକୁ ମାନସିକ ଶାନ୍ତି ମଧ୍ୟ ସମ୍ପତ୍ତି ରୂପେ ମିଳେ। ଦ୍ୱି-ମାତ୍ରା ଧ୍ୟାନ ଦ୍ୱାରା ସୋମ-ଲୋକର ବିଭୂତିର ଅନୁଭବର ଅଭିପ୍ରାୟ ମାନସିକ-ଶାନ୍ତି ଆସ୍ୱାଦନ। ଆମକୁ ଯେତେବେଳେ ମାନସିକ-ଶାନ୍ତି ପ୍ରାପ୍ତ ହୁଏ ସେତେବେଳେ ଆମ ଭିତରେ ସୌମ୍ୟତା ଆସେ, ସେତେବେଳେ ଆମେ ସୋମ-ଲୋକରେ ବିଦ୍ୟମାନ ଥାଉ। ପୁନଶ୍ଚ ଏହି ସ୍ଥିତିରୁ ବାହାରିଯିବା ମାତ୍ରେ ଆମେ ସାଂସାରିକ ଜଞ୍ଜାଳ ଲୋକରେ ପହଞ୍ଚିଯାଉ। ଏକମାତ୍ରାର ଧ୍ୟାନ ଦ୍ୱାରା ଋଗ୍‌ବେଦର ଜ୍ଞାନ ଓ ଦ୍ୱି-ମାତ୍ରା ଧ୍ୟାନ ଦ୍ୱାରା ଋକ୍ ସାଙ୍ଗକୁ ଯଜୁର୍ବେଦର ଜ୍ଞାନ ପ୍ରାପ୍ତି କଥା କୁହାଯାଇଛି। ଏସବୁ ବର୍ଣ୍ଣନ ଅର୍ଥବାଦ ରୂପେ କୁହାଯାଇଛି।

**ଯ ପୁନରେତଂ ତ୍ରିମାତ୍ରେଣ-ଓମିତି-ଏତେନ-ଏବ-ଅକ୍ଷରେଣ ପରଂ ପୁରୁଷମଭିଧ୍ୟାୟୀତ ସ ତେଜସି ସୂର୍ୟେ ସମ୍ପନ୍ନଃ। ଯଥା ପାଦୋଦରସ୍ତ୍ୱଚା ବିନିର୍ମୁଚ୍ୟତ ଏବଂ ହ ବୈ ସ ପାପ୍ମନା ବିନିର୍ମୁକ୍ତଃ ସ ସାମଭିରୁନ୍ନୀୟତେ ବ୍ରହ୍ମଲୋକଂ ସ ଏତସ୍ମାଜ୍ଜୀବଘନାତ୍ ପରାତ୍ପରଂ ପୁରିଶୟଂ ପୁରୁଷମୀକ୍ଷତେ। ତଦେତୌ ଶ୍ଳୋକୌ ଭବତଃ ॥ ୫ ॥**

ଯେଉଁ ସାଧକ-ଉପାସକ ତ୍ରିମାତ୍ର 'ଓମ୍' ଏହି ଅକ୍ଷର ଦ୍ୱାରା ପରମପୁରୁଷଙ୍କ ଧ୍ୟାନ କରେ ସିଏ ତେଜରେ ସୂର୍ଯ୍ୟ ଲୋକରେ ସମ୍ପନ୍ନ ହୋଇଯାଏ। ଯେଉଁପରି ସାପ ତା' କାତି ଛାଡ଼ିଦିଏ ସେହିପରି ସେ ବ୍ୟକ୍ତି ପାପରୁ ମୁକ୍ତ ହୋଇଯାଏ ଏବଂ ସାମବେଦର ସାହାରାରେ ଊର୍ଦ୍ଧ୍ୱକୁ ଉଠି ବ୍ରହ୍ମଲୋକକୁ ଚାଲିଯାଏ ଏବଂ ଏହି ଜୀବଘନ ଶରୀରରେ ହିଁ ପରାତ୍ପର ପୁରୁଷ, ପରଂବ୍ରହ୍ମଙ୍କୁ ସାକ୍ଷାତ କରିନିଏ।

ପୂର୍ବରୁ ଆଲୋଚନା କରାଯାଇଛି ଯେ 'ଓଂକାର'ର ଏକ ମାତ୍ରାର ଧ୍ୟାନ ଅର୍ଥ- 'ଓମ୍'ର କିଛି-କିଛି ଉପାସନା, ଦ୍ୱି-ମାତ୍ରାର ଧ୍ୟାନର ଅର୍ଥ ଆଉ ଟିକେ ଅଧିକ ଉପାସନା। ସେହିପରି ତ୍ରି-ମାତ୍ରା ଧ୍ୟାନର ଅର୍ଥ ହେଲା ଅନ୍ୟ ସମସ୍ତ ବିଚାରରୁ ଚିତ୍ତକୁ ନିବୃତ୍ତ କରି 'ଓମ୍'ର ଉପାସନାରେ ନିରତ ହେବା, 'ଓମ୍'-ବାଚ୍ୟ ପରଂବ୍ରହ୍ମଙ୍କ ଧ୍ୟାନରେ ଦୀର୍ଘକାଳ ମଗ୍ନ ହୋଇଯିବା। ପୂର୍ବରୁ କୁହାଯାଇଛି ଯେ ଏକମାତ୍ରା ଉପାସନା କରିବା ବ୍ୟକ୍ତି ପୃଥିବୀ-ଲୋକ, ଦ୍ୱିମାତ୍ରା ଉପାସକ ସୋମ-ଲୋକ ଅର୍ଥାତ୍ ଚନ୍ଦ୍ର ଲୋକରେ ପହଞ୍ଚିଯାଏ। ସେହିପରି ତ୍ରିମାତ୍ରା ଉପାସକ ସୂର୍ଯ୍ୟ-ଲୋକରେ ପହଞ୍ଚିଯାଏ। ସୋମ-ଲୋକ ଭଳି ସୂର୍ଯ୍ୟ-ଲୋକ ମଧ୍ୟ ବାହାରେ ନୁହେଁ, ଆମ ଭିତରେ ଅବସ୍ଥିତ। ପୃଥିବୀ-ଲୋକ, ସୋମ-ଲୋକ (ଚନ୍ଦ୍ର-ଲୋକ) ଭଳି ସୂର୍ଯ୍ୟ-ଲୋକ ମଧ୍ୟ ମାନସିକ-ସ୍ଥିତିକୁ ସୂଚିତ କରେ। ପୃଥିବୀ-ଲୋକର ଅର୍ଥ ଭୌତିକ ସୁଖ, ସୋମ-ଲୋକର ଅର୍ଥ ମାନସିକ ଶାନ୍ତି ଏବଂ ସୂର୍ଯ୍ୟ-ଲୋକର ଅର୍ଥ ଆତ୍ମିକ-ପ୍ରକାଶ। ଏହି ତ୍ରିମାତ୍ରା 'ଓମ୍' ଉପାସକର ଜୀବନ ସୂର୍ଯ୍ୟର ଜ୍ୟୋତି ଭଳି ଦୀପ୍ତିମାନ୍, ଜ୍ୟୋତିର୍ମୟ ହୋଇଯାଏ। ଏହିପରି ଋକ୍, ଯଜୁ ଓ ସାମ ମଧ୍ୟ ଓଂକାରର ତ୍ରିମାତ୍ରା ଭଳି ତ୍ରୟୀ-ବିଦ୍ୟାର ପ୍ରତିନିଧି। ଋକ୍, ଯଜୁ ଓ ସାମକୁ ଜ୍ଞାନ, କର୍ମ ଓ ଭକ୍ତିର ପ୍ରତୀକ ବୋଲି ମଧ୍ୟ କୁହାଯାଇପାରେ। ଏଠାରେ ଶବ୍ଦଗୁଡ଼ିକର ଶାବ୍ଦିକ ଅର୍ଥ ନୁହେଁ

ଅର୍ଥବାଦପରକ ଅର୍ଥ ଗ୍ରହଣ କରିବା ଉପନିଷଦକାରଙ୍କ ଅଭୀଷ୍ଟ ଅର୍ଥାତ୍ ଯେତେବେଳେ କୌଣସି ବିଷୟରେ ମହିମା ବଖାଣିବା ଆବଶ୍ୟକ ହୁଏ ସେତେବେଳେ ପ୍ରେରଣା ଦେବା ନିମନ୍ତେ ସାଙ୍କେତିକ ରୂପେ ଅର୍ଥବାଦପରକ ବାକ୍ୟର ବ୍ୟବହାର ହୁଏ।

ଉପନିଷଦର ଋଷିଙ୍କ କହିବା କଥା ହେଲା ଯେ, 'ଓମ୍'ର ଏକମାତ୍ରାର ଧ୍ୟାନ ଅର୍ଥାତ୍ ଅଳ୍ପ ଧ୍ୟାନ-ଜପ ଦ୍ୱାରା ମଧ୍ୟ ବ୍ୟକ୍ତିର ନିଶ୍ଚିତ କଲ୍ୟାଣ ହୁଏ, ଜଗତରେ ତାକୁ କେତେ ସାଂସାରିକ ପଦାର୍ଥ ବାସ୍ତବରେ ଆବଶ୍ୟକ ଏ ସଦ୍‌ଜ୍ଞାନ ଜାଗ୍ରତ ହୁଏ, ଭୋଗ ପଛରେ ଅନ୍ଧଦୌଡ଼ ପାଇଁ ମଣିଷ ଜୀବନ ଉଦ୍ଦିଷ୍ଟ ନୁହେଁ ବୋଲି ଜ୍ଞାନ ଜାଗ୍ରତ ହୁଏ। ତେଣୁ ସେ ତପ-ବ୍ରହ୍ମଚର୍ଯ୍ୟ-ଶ୍ରଦ୍ଧାରେ ସଂଯୁକ୍ତ ହୋଇ ଶନୈଃ-ଶନୈଃ ଆତ୍ମକଲ୍ୟାଣ ପଥର ପଥିକ ହୁଏ। 'ଓମ୍'ର ଧ୍ୟାନ ଆଉ ଟିକେ ତନ୍ମୟତାର, ଏକାଗ୍ରତାର ସହ କଲେ ସଂସାରର ଅଶାନ୍ତି ଭିତରେ ବି ସେ ଆନ୍ତରିକ ଶାନ୍ତି ଅନୁଭବ କରେ। ସାଂସାରିକ ଜଞ୍ଜାଳ ତାକୁ ବିଶେଷ ବ୍ୟତିବ୍ୟସ୍ତ କରିପାରେ ନାହିଁ, ବହୁ ବାଧା-ପ୍ରତିବନ୍ଧକ ସତ୍ତ୍ୱେ ନ୍ୟାୟ-ଧର୍ମ ମାର୍ଗରେ ଅବିଚଳିତ ରହିବାର ମାନସିକ ସ୍ଥିତି ବିକସିତ ହୁଏ। 'ଓମ୍'ର ତ୍ରିମାତ୍ର ଧ୍ୟାନ ଅର୍ଥାତ୍ ଗଭୀର ଅନୁରକ୍ତି, ପ୍ରଗାଢ଼ ଭକ୍ତି ପୂର୍ବକ ଧ୍ୟାନ କଲେ ସାଧକର ଚିତ୍ତ ପରମାତ୍ମାଙ୍କ ବିଚାରରେ ମଗ୍ନ ହୋଇଯାଏ, ସେ ଆତ୍ମବିସ୍ମୃତ ହୋଇଯାଏ, କ୍ରମଶଃ ତା' ଆତ୍ମାରେ ପରମାତ୍ମାଙ୍କ ପ୍ରକାଶ ପ୍ରକାଶିତ ହେବାକୁ ଲାଗେ। ବିବେକଜ୍ଞାନ ପ୍ରତିଷ୍ଠିତ ହୋଇ ତା'ର କ୍ଳେଶସମୂହ ଦଗ୍ଧବୀଜ ହୋଇଯାନ୍ତି। ଏଭଳି 'ଓମ୍'ର ଧ୍ୟାନ-ଜପରେ ଶନୈଃ-ଶନୈଃ ସେ ସଦା ସଂଲଗ୍ନ ରହିଲେ, ଚାଲୁଥିବା-ବୁଲୁଥିବା ସ୍ଥିତିରେ, ଶୟନେ-ସ୍ୱପନେ-ଜାଗରଣେ ତା'ର 'ଓମ୍' ଜପ ଚାଲୁ ରହିଥାଏ, ବ୍ରହ୍ମଙ୍କ ଚିନ୍ତନର ଏକ ଅନ୍ତଃ-ସ୍ରୋତ ସବୁକାଳରେ ତା' ଭିତରେ ଚିରସ୍ରୋତା ଫଲ୍‌ଗୁ ଭଳି ପ୍ରବାହିତ ହେଉଥାଏ। ପରିଣାମତଃ ସାପ କାତି ଛାଡ଼ିଲା ଭଳି ସେ ପାପକର୍ମରୁ ପୃଥକ୍ ହୋଇଯାଏ, ଶନୈଃ-ଶନୈଃ କେବଳ ଶୁଭକର୍ମ, ନିଷ୍କାମ କର୍ମ ଅନୁଷ୍ଠାନ କରି ପରଂବ୍ରହ୍ମଙ୍କ ସାକ୍ଷାତ୍‌କାର କରିନିଏ ତଥା ଏହି ନଶ୍ୱର କଳେବର ତ୍ୟାଗ କର ମୁକ୍ତି ସୁଖର ଅଧିକାରୀ ହୋଇଯାଏ।

**ତିସ୍ରୋ ମାତ୍ରା ମୃତ୍ୟୁମତ୍ୟଃ ପ୍ରଯୁକ୍ତା ଅନ୍ୟୋନ୍ୟସକ୍ତା ଅନବିପ୍ରଯୁକ୍ତାଃ। କ୍ରିୟାସୁ ବାହ୍ୟାଭ୍ୟନ୍ତରମଧ୍ୟମାସୁ ସମ୍ୟକ୍ ପ୍ରଯୁକ୍ତାସୁ ନ କମ୍ପତେ ଜ୍ଞଃ ॥ ୬ ॥**

ଓଂକାରର ତିନି ମାତ୍ରା- ଅ, ଉ, ମ୍ - ର ଧ୍ୟାନ, ଉପଯୋଗ ମରଣଧର୍ମା ବା ବିନାଶୀ ଅଟେ। ଏ ତିନି ମାତ୍ରା ଗୋଟିଏ ଅନ୍ୟଟି ସହ ଯୋଡ଼ି ହୋଇ ରହିଛନ୍ତି, ଗୋଟିଏ ଅନ୍ୟଟିଠାରୁ ଅଲଗା-ଅଲଗା ହୋଇ ନାହାନ୍ତି। ଯେଉଁ ଜ୍ଞାନୀ ସ୍ୱ ବାହ୍ୟ, ଆଭ୍ୟନ୍ତର ଓ ମଧ୍ୟମ କ୍ରିୟାରେ 'ତ୍ରିମାତ୍ର-ଓଂକାର'ର ସମ୍ୟକ୍ ପ୍ରୟୋଗ କରେ ସେ କମ୍ପମାନ ହୁଏ ନାହିଁ, ସ୍ୱ ମାର୍ଗରୁ ବିଚଳିତ ହୁଏ ନାହିଁ।

ଅ, ଉ, ମ୍- ଏ ମାତ୍ରାଗୁଡ଼ିକର ଧ୍ୟାନ ମରଣଧର୍ମା କାହିଁକି ? ଏହା ମରଣଧର୍ମା ଏଇଥିପାଇଁ ଯେ ଯେତେବେଳେ ଏହି ମାତ୍ରାଗୁଡ଼ିକର ଯଥାଯଥ ରୂପେ, ଅନ୍ତରର ସହ ଉପାସନା କରାଯାଏ ସେତେବେଳେ ଏଗୁଡ଼ିକ ମରଣଧର୍ମା ହୋଇଯାନ୍ତି ଅର୍ଥାତ୍ ଏ ସବୁର ପ୍ରୟୋଗ ଦ୍ୱାରା ଉପାସକ ପାଇଁ ସଂସାରର ମୋହ-ମାୟା ମରିଯାଏ। ଯେଉଁ ମାତ୍ରା ପର୍ଯ୍ୟନ୍ତ ଅର୍ଥାତ୍ ଯେଉଁ ଅଂଶ (ଏକାମାତ୍ରା, ଦ୍ୱିମାତ୍ରା, ତ୍ରିମାତ୍ରା) ଯାଏ ଏହାର ଧ୍ୟାନ କରାଯାଏ ସେହି ମାତ୍ରାନୁସାରେ, ସେହି ଅଂଶ ପର୍ଯ୍ୟନ୍ତ ସଂସାର ଧ୍ୟାନୀ ନିମନ୍ତେ ମରିଯାଏ। ଏଣୁ ଏସବୁ ମାତ୍ରାର ପ୍ରୟୋଗ ଏପରି କରିବା ଉଚିତ ଯଦ୍ୱାରା ସଂସାରର ଯେଉଁ ରୂପ ଆମ ପାଇଁ ମରିଯିବା ଉଚିତ, ତାହା ବାସ୍ତବରେ ମରିଯାଉ। ଆତ୍ମାର ଗୋଟିଏ ପଟେ ସଂସାର, ଅନ୍ୟ ପଟେ ବ୍ରହ୍ମ। ସାଧାରଣତଃ ଏହି ସ୍ଥିତିରେ ମଣିଷ ବ୍ରହ୍ମଙ୍କୁ ଭୁଲିଯାଏ, ସଂସାରର ମାୟାଜାଲରେ ଫସିଯାଏ। ଏହି ସ୍ଥିତିରେ ତା' ପାଇଁ ସଂସାର ଜୀବିତ ଓ ବ୍ରହ୍ମ ମୃତବତ୍ ବୋଲି କୁହାଯାଇପାରେ। ଆଉ ଯଦି ଏହି ସ୍ଥିତିକୁ ଓଲଟାଇ ଦିଆଯାଏ, ତେବେ ଉପାସକ ସଂସାରକୁ ଭୁଲିଯାଏ, ବ୍ରହ୍ମରେ ଲୀନ ହୋଇଯାଏ। ଓଂକାରର ମାତ୍ରାର ଧ୍ୟାନ ସଂସାରକୁ ଆମ ପାଇଁ ମୃତବତ୍ କରିଦିଏ, ବ୍ରହ୍ମଙ୍କୁ ଜୀବିତ (ଆମକୁ ବ୍ରହ୍ମଙ୍କ ଆଡ଼କୁ ଉନ୍ମୁଖ) କରିଦିଏ। ଏହି ଭାବକୁ ବ୍ୟକ୍ତ କରିବା ପାଇଁ କୁହାଯାଇଛି କି ଏ ମାତ୍ରାଗୁଡ଼ିକର ପ୍ରୟୋଗ

ଦ୍ୱାରା ସଂସାରର ବିଷୟ ସମୂହ ମରିଯାଆନ୍ତି; କିନ୍ତୁ କେବଳ କହିବା ଦ୍ୱାରା ଏହା ହୁଏ ନାହିଁ।

'ଅନ୍ୟୋନ୍ୟସକ୍ତା'ର ଅର୍ଥ ହେଲା ଏ ମାତ୍ରାଗୁଡ଼ିକ ପରସ୍ପର ସହ ଉତ୍ତମ ରୂପେ ସଂଯୁକ୍ତ ହୋଇ ରହିଛନ୍ତି। ଅତଃ ଏସବୁର ସଂଯୁକ୍ତ ଉପାସନା ହିଁ ପୂର୍ଣ୍ଣତଃ ଲାଭପ୍ରଦ। ବସ୍ତୁତଃ ତନ୍ମୟତାର ସହ ଯେତେବେଳେ 'ଅ'କାରର ଉପାସନା ହେବ, ସେତେବେଳେ ଉପାସକର ଧ୍ୟାନ 'ଉ' କାର ଆଡ଼କୁ ଆପେ-ଆପେ ଯିବ; ଆଉ ଯେତେବେଳେ 'ଉ' କାରର ଉପାସନା ହେବ ସେତେବେଳେ ଉପାସକର ଧ୍ୟାନ 'ମ' କାର ଆଡ଼କୁ ସ୍ୱତଃ ଯିବ। ଏ କଥନର ତାତ୍ପର୍ଯ୍ୟ ହେଲା ଯେ ଅର୍ଥ ଚିନ୍ତନ କରି 'ଓମ୍'ର ଧ୍ୟାନ-ଉପାସନା ଶ୍ରଦ୍ଧା-ଭକ୍ତି-ନିଷ୍ଠାପୂର୍ବକ କଲେ ଉପାସନାରେ ତନ୍ମୟତା ଆପେ ଅଧିକରୁ ଅଧିକ ବୃଦ୍ଧି ପାଇଚାଲେ, ପ୍ରତ୍ୟେକ ମାତ୍ରାର ଅର୍ଥ ପରବର୍ତ୍ତୀ ଅର୍ଥ ପ୍ରତି ସାଧକର ମନରେ ଜିଜ୍ଞାସା ଉତ୍ପନ୍ନ କରେ।

'ବାହ୍ୟ-ଆଭ୍ୟନ୍ତର-ମଧ୍ୟମା କ୍ରିୟା'ର ଅର୍ଥ କ'ଣ? ଶରୀରରେ ହେଉଥିବା କ୍ରିୟା ହେଲା ବାହ୍ୟ କ୍ରିୟା, ମନ ଭିତରେ ହେଉଥିବା କ୍ରିୟା ହେଲା ଆଭ୍ୟନ୍ତର କ୍ରିୟା, ଶରୀର ଓ ମନର ମଧ୍ୟବର୍ତ୍ତୀ କ୍ରିୟା ଯେଉଁଥିରେ ଶରୀର ବି କିଛି କାମ କରୁଥାଏ ଓ ମନ ମଧ୍ୟ କିଛି କାମ କରୁଥାଏ ତାହା ହେଲା ମଧ୍ୟମ କ୍ରିୟା। ପ୍ରାଥମିକ ସାଧକ ଉଚ୍ଚ କଣ୍ଠରେ'ଓମ୍'ର ଧ୍ୱନି ପୂର୍ବକ ଜପ-ଧ୍ୟାନ କରେ ଯେହେତୁ କି ମନ ଉପରେ ପୂର୍ଣ୍ଣ ଅଧିକାର ନ ଥିବାରୁ ମାନସିକ ଜପରେ ଶୀଘ୍ରଶୀଘ୍ର ମନ ବିଚଳିତ ହେବାକୁ ଲାଗେ। ଉଚ୍ଚ ସ୍ତରର ସାଧକ 'ଓମ୍'ର ଉଚ୍ଚାରଣ, ଅର୍ଥଚିନ୍ତନ, ଈଶ୍ୱର ପ୍ରଣିଧାନ ଏ ତିନୋଟି ଯାକ ମନରେ କରିପାରିଥାଏ ଏବଂ ତାହା ମଧ୍ୟ ଏକାଗ୍ରତାପୂର୍ବକ ଦୀର୍ଘକାଳ ପର୍ଯ୍ୟନ୍ତ। ଯେଉଁ ସାଧକ ପ୍ରାଥମିକ ସ୍ଥିତିରୁ ଉର୍ଦ୍ଧ୍ୱକୁ ତ ଉଠିପାରିଛି; କିନ୍ତୁ ଅଦ୍ୟାବଧି ମନ-ଇନ୍ଦ୍ରିୟ ଉପରେ ବିଶେଷ ନିୟନ୍ତ୍ରଣ ପ୍ରାପ୍ତ କରିପାରିନାହିଁ ସିଏ ବାଣୀରେ କିଛି-କିଛି ଅର୍ଥାତ୍ ଅନୁଚ୍ଚ ସ୍ୱରରେ ଉଚ୍ଚାରଣ ଓ ମନରେ ତା'ର ଅର୍ଥ ଚିନ୍ତନ କରି-କରି ଚାଲେ। କିନ୍ତୁ ଏଠାରେ ଧ୍ୟାତବ୍ୟ ବିଷୟ ହେଲା ଯେ କ୍ରିୟାର ଏ ତିନି ଅବସ୍ଥାରେ ଉପାସକର ଧ୍ୟାନ ତ୍ରି-ମାତ୍ରା ଓଂକାର 'ଓମ୍'ରେ ଲୀନ ରହିବା ଉଚିତ।

**ଋଗ୍‌ଭିରେତଂ ଯଜୁର୍ଭିରନ୍ତରିକ୍ଷଂ ସାମଭିର୍ୟତ୍ତତ୍‌କବୟୋ ବେଦୟନ୍ତେ ତମୋଂକାରେ-ଣୈବାୟତନେନାନ୍ୱେତି ବିଦ୍ୱାନ୍‌ୟତ୍ତଚ୍ଛାନ୍ତ-ମଜରମମୃତମଭୟଂ ପରଂ ଚେତି ॥ ୭ ॥**

ଋଗ୍‌ବେଦର ଋଚ ଦ୍ୱାରା ଉପାସକକୁ ପୃଥିବୀରେ ସ୍ଥିତ ଭୋଗ-ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏ, ଯଜୁର୍ବେଦର ମନ୍ତ୍ର ଦ୍ୱାରା ଅନ୍ତରିକ୍ଷସ୍ଥ ସୋମଲୋକ (ଚନ୍ଦ୍ରଲୋକ)ର ସୌମ୍ୟତା ତାକୁ ପ୍ରାପ୍ତ ହୁଏ। କବି-ଜ୍ଞାନୀଙ୍କ କଥନ ହେଲା ଯେ, ସାମବେଦର ଗାନ ଦ୍ୱାରା ତାକୁ ସୂର୍ଯ୍ୟଲୋକର ତେଜ ପ୍ରାପ୍ତ ହୁଏ। ଆଉ ଯଦି କୌଣସି ବିଦ୍ୱାନ୍ ବ୍ୟକ୍ତି 'ଓଂକାର'କୁ ଆଶ୍ରୟ କରି ସାଧନା-ଉପାସନା କରିଚାଲନ୍ତି ତେବେ ତାଙ୍କୁ ପୃଥିବୀ-ଲୋକର ଭୋଗ-ଐଶ୍ୱର୍ଯ୍ୟ, ସୋମଲୋକ (ଚନ୍ଦ୍ରଲୋକ)ର ସୌମ୍ୟତା ଓ ଶାନ୍ତି ଏବଂ ସୂର୍ଯ୍ୟଲୋକର ତେଜ ପ୍ରାପ୍ତ ହୁଏ। ଏହିଭଳି ଭାବେ ଓଂକାର-ଉପାସନା ଦ୍ୱାରା ସାଧକ-ଉପାସକ ସେହି ଶାନ୍ତ, ଅଜର, ଅମୃତ, ଅଭୟ ପରଂବ୍ରହ୍ମଙ୍କୁ ପ୍ରାପ୍ତ କରିନିଏ।

**ଅବଶିଷ୍ଟାଂଶ ପରସଂଖ୍ୟାରେ....**

ଉପସ୍ଥାପନା

**କୃଷ୍ଣାକୁମାରୀ**

❖❖❖

# ଶାନ୍ତିକରଣମ୍

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ଓ୩ମ୍ ଶଂ ନ ଇନ୍ଦ୍ରାଗ୍ନୀ ଭବତାମବୋଭିଃ ଶଂ ନ ଇନ୍ଦ୍ରାବରୁଣା ରାତହବ୍ୟା । ଶମିନ୍ଦ୍ରାସୋମା ସୁବିତାୟ ଶଂ ୟୋଃ ଶଂ ନ ଇନ୍ଦ୍ରାପୂଷଣା ବାଜସାତୌ ॥ ୧ ॥**

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ ଆପଣଙ୍କ ଦ୍ୱାରା ପ୍ରଦତ୍ତ ପଦାର୍ଥ **(ଇନ୍ଦ୍ରାଗ୍ନୀ)** ବିଦ୍ୟୁତ୍ ଓ ଅଗ୍ନି **(ଅବୋଭିଃ)** ରକ୍ଷଣ ଆଦି ଗୁଣ-କର୍ମ ଦ୍ୱାରା **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିକାରକ **(ଭବତାମ୍)** ହୁଅନ୍ତୁ । **(ରାତହବ୍ୟା)** ଆବଶ୍ୟକୀୟ ଭୋଗ୍ୟ-ପଦାର୍ଥର ଦାୟକ **(ଇନ୍ଦ୍ରାବରୁଣା)** ବାୟୁ ଓ ଜଳ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିକାରକ ହୁଅନ୍ତୁ । **(ଇନ୍ଦ୍ରାସୋମା)** ସୂର୍ଯ୍ୟ ଓ ଚନ୍ଦ୍ର **(ସୁବିତାୟ)** ଭୋଗ-ଐଶ୍ୱର୍ଯ୍ୟର ଉତ୍ପତ୍ତି ନିମନ୍ତେ **(ଶମ୍)** ଆମ ପାଇଁ ସୁଖ-ଶାନ୍ତିଦାୟକ ହୁଅନ୍ତୁ । **(ଇନ୍ଦ୍ରାପୂଷଣା)** ବିଜୁଳି ଓ ମେଘ **(ବାଜସାତୌ)** ଧନ ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହେଉଥିବା କୃଷ୍ୟାଦି କର୍ମରେ **(ଶଂ ୟୋଃ)** ରୋଗଶମନ ଓ ଭୟନିବାରଣ ନିମନ୍ତେ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିକାରକ ହୁଅନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ ! ସଂସାରର କଲ୍ୟାଣ ନିମନ୍ତେ ଆପଣ ବିଦ୍ୟୁତ୍, ଅଗ୍ନି, ବାୟୁ, ଜଳ, ସୂର୍ଯ୍ୟ, ଚନ୍ଦ୍ର, ମେଘ, ପୃଥିବୀ, ଓଷଧି-ବନସ୍ପତି ଆଦି ସୃଷ୍ଟି କରିଛନ୍ତି । ଏସବୁ ପଦାର୍ଥ ଆମ ପାଇଁ ସୁଖ-ଶାନ୍ତିଦାୟକ ହୁଅନ୍ତୁ । ସ୍ୱ କର୍ମ ଦ୍ୱାରା ଆମେ ଏମାନଙ୍କୁ ଶୁଦ୍ଧ, ପବିତ୍ର, ପ୍ରଦୂଷଣରହିତ ରଖିବା ପାଇଁ ସର୍ବଦା ଯତ୍ନବାନ୍ ହେଉ । ଏମାନଙ୍କ ଅନୁକୂଳ ଆଚରଣ, ଯଥାଯଥ ବିନିଯୋଗ କରି ଆମେ ସଂସାରରେ ଭୋଗ-ଐଶ୍ୱର୍ଯ୍ୟ ବୃଦ୍ଧି କରୁ । ଆମକୁ ରୋଗ-ଭୟ ରହିତ କରନ୍ତୁ ।

**ଓ୩ମ୍ ଶଂ ନୋ ଭଗଃ ଶମୁ ନଃ ଶଂସୋ ଅସ୍ତୁ ଶଂ ନଃ ପୁରନ୍ଧିଃ ଶମୁ ସନ୍ତୁ ରାୟଃ । ଶଂ ନଃ ସତ୍ୟସ୍ୟ ସୁୟମସ୍ୟ ଶଂସଃ ଶଂ ନୋ ଅର୍ୟମା ପୁରୁଜାତୋ ଅସ୍ତୁ ॥ ୨ ॥**

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ **(ଭଗଃ)** ସେବନ ଯୋଗ୍ୟ ସୂର୍ଯ୍ୟ **(ନଃ)** ଆମ ପାଇଁ **(ଶମ୍)** ସୁଖକର ହେଉ । **(ଶଂସଃ)** ଶିକ୍ଷା-ପ୍ରଶଂସା **(ନଃ)** ଆମ ପାଇଁ **(ଉ)** ନିଶ୍ଚିତ ରୂପେ **(ଶମ୍)** ସୁଖ-ଶାନ୍ତିଦାୟକ **(ଅସ୍ତୁ)** ହେଉ । **(ପୁରନ୍ଧିଃ)** ଅତ୍ୟନ୍ତ ମେଧାବୀ ବ୍ୟକ୍ତି, ବହୁଗୁଣବତୀ ନାରୀ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ ହୁଅନ୍ତୁ । **(ରାୟଃ)** ଅନେକ ବିଧ ଐଶ୍ୱର୍ଯ୍ୟ **(ଉ)** ନିଶ୍ଚିତ ରୂପେ **(ଶମ୍ ସନ୍ତୁ)** ଆମ ପାଇଁ ସୁଖ-ଶାନ୍ତିଦାୟକ ହୁଅନ୍ତୁ । **(ସତ୍ୟସ୍ୟ ସୁୟମସ୍ୟ)** ସତ୍ୟସ୍ୱରୂପ ପରମେଶ୍ୱରଙ୍କ, ସୁନିୟନ୍ତା ଶାସକଙ୍କ **(ଶଂସଃ)** ଶିକ୍ଷା-ଦଣ୍ଡନୀତି, ଆଦେଶ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ ହେଉ । **(ପୁରୁଜାତଃ)** ବହୁପ୍ରସିଦ୍ଧ, ସର୍ବବିଖ୍ୟାତ **(ଅର୍ୟମା)** ନ୍ୟାୟାଧୀଶ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିକାରକ **(ଅସ୍ତୁ)** ହୁଅନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ ସେବନ ଯୋଗ୍ୟ ପ୍ରାତଃକାଳିକ ସୂର୍ଯ୍ୟ, ଶିକ୍ଷା-ପ୍ରଶଂସା, ଅତ୍ୟନ୍ତ ମେଧାବୀ ବ୍ୟକ୍ତି, ବହୁଗୁଣବତୀ ନାରୀ ଆମ ପାଇଁ ସୁଖ-ଶାନ୍ତି ଦାୟକ ହୁଅନ୍ତୁ । ଧନ-ଐଶ୍ୱର୍ଯ୍ୟ ପ୍ରାପ୍ତ କରି ସାଧାରଣତଃ ମନୁଷ୍ୟ କୁପଥଗାମୀ ହୋଇଯାଏ ଓ ପରିଣାମରେ ଦୁଃଖ ଭୋଗେ । କିନ୍ତୁ ହେ ପ୍ରଭୋ ! ଆପଣଙ୍କ ଦୟାରେ ବହୁବିଧ

ଐଶ୍ୱର୍ଯ୍ୟ ଆମକୁ ପ୍ରାପ୍ତ ହୋଇ ମଧ୍ୟ ଆମ ମନ ସଦା ସୁପଥରେ ରହୁ,ଐଶ୍ୱର୍ଯ୍ୟ ଆମ ପାଇଁ ଦୁଃଖଦ ନ ହୋଇ ସୁଖ-ଶାନ୍ତି ଦାୟକ ହେଉ । ପ୍ରାୟତଃ ନିଜର ପ୍ରଶଂସା, ତୋଷାମଦ ଶୁଣି ମଣିଷ ଗର୍ବରେ ଫୁଲିଯାଏ ଓ ସତ୍ୟାସତ୍ୟ ବିବେକ କରିନପାରି ଅନେକ ଅନ୍ୟାୟାଚରଣ କରିଥାଏ । କିନ୍ତୁ ପ୍ରଭୋ! ପ୍ରଶଂସା ଆମକୁ ଅନ୍ତର୍ମୁଖୀ କରୁ, ଆତ୍ମସମୀକ୍ଷା ଆଡ଼କୁ ଆମ ଧ୍ୟାନ ନେଉ । ଆମ ଦ୍ୱାରା ସମ୍ପାଦିତ ସତ୍‌କର୍ମର ମୁଖ୍ୟ ଶ୍ରେୟ ତ ଆପଣଙ୍କର । ଆମେ ଉତ୍‌ଫୁଲ୍ଲିତ ହେବାର କୌଣସି କାରଣ ହିଁ ନାହିଁ । ତା' ଛଡ଼ା ଏ ସଂସାର ଏକ ଶିକ୍ଷାୟତନ । ସଂସାରରୁ ଉଚିତ ଶିକ୍ଷା ଗ୍ରହଣ ପାଇଁ ଆମ ମନ ସର୍ବଦା ଉନ୍ମୁଖ ରହୁ । ଆମେ କୁଶିକ୍ଷାରୁ ସଦା ଦୂରେଇ ରହୁ । ଅନେକ ସମୟରେ ଆମର ଅପରିପକ୍ୱ ଜ୍ଞାନରେ ଆମେ ସମାଜର, ରାଷ୍ଟ୍ରର ନିୟମ-ଆଦେଶର ଉଲ୍ଲଂଘନ କରି ଅଯଥା ଦଣ୍ଡକୁ ଆମନ୍ତ୍ରଣ କରିଥାଉ । ଏଣୁ ଏସବୁ ଦିଗ ପ୍ରତି ମଧ୍ୟ ଆମର ସଦା ସତର୍କ ଦୃଷ୍ଟି ରହୁ ଯଦ୍ୱାରା ନ୍ୟାୟ-ବ୍ୟବସ୍ଥା ଆମ ପାଇଁ ସଦା ସୁଖଦାୟକ ହେବ । ଏ ଦିଗରେ ଆମେ ସର୍ବଦା ତତ୍-ତତ୍ ବିଶେଷଜ୍ଞଙ୍କ ପରାମର୍ଶ ନେଉ ।

**ଓ୩ମ୍ ଶଂ ନୋ ଧାତା ଶମୁ ଧର୍ତା ନୋ ଅସ୍ତୁ ଶଂ ନ ଉରୂଚୀ ଭବତୁ ସ୍ୱଧାଭିଃ । ଶଂ ରୋଦସୀ ବୃହତୀ ଶଂ ନୋ ଅଦ୍ରିଃ ଶଂ ନୋ ଦେବାନାଂ ସୁହବାନି ସନ୍ତୁ ॥ ୩ ॥**

**ପଦାର୍ଥ —** ହେ ପ୍ରଭୋ ! **(ଧାତା)** ସମସ୍ତ ଜଗତର ଉତ୍ପାଦକ ଓ ଧାରକ ପରମାତ୍ମା **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିକାରକ ହୁଅନ୍ତୁ । **(ଧର୍ତ୍ତା)** ସକଳ ସଂସାରର ପୋଷକ ପରମେଶ୍ୱର **(ନଃ)** ଆମ ପାଇଁ **(ଉ)** ନିଶ୍ଚିତ ରୂପେ **(ଶମ୍)** ସୁଖ-ଶାନ୍ତିଦାୟକ **(ଅସ୍ତୁ)** ହୁଅନ୍ତୁ । **(ଉରୂଚୀ)** ବହୁ ପଦାର୍ଥର ପ୍ରାପ୍ତିର ସ୍ଥାନ ଏହି ପୃଥିବୀ **(ସ୍ୱଧାଭିଃ)** ନିଜ ଭିତରେ ଧାରିତ ଅନ୍ନ-ଜଳାଦି ପଦାର୍ଥ ସହ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିକାରକ **(ଭବତୁ)** ହେଉ । **(ବୃହତୀ ରୋଦସୀ)** ବିସ୍ତୃତ ଅନ୍ତରିକ୍ଷ, ଦ୍ୟୁଲୋକ-ପୃଥିବୀଲୋକ **(ଶମ୍)** ଆମ ପାଇଁ ଶାନ୍ତିକାରକ ହେଉ । **(ଅଦ୍ରିଃ)** ମେଘ, ପର୍ବତ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ ହେଉ । **(ଦେବାନାମ୍)** ବିଦ୍ୱାନଙ୍କ **(ସୁହବାନି)** ସୁନ୍ଦର ଆହ୍ୱାନ, ଉପଦେଶ **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତିଦାୟକ **(ସନ୍ତୁ)** ହୁଅନ୍ତୁ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣ ଏ ସଂସାରର ଉତ୍ପାଦକ, ଧାରକ ଓ ପୋଷକ ଅଟନ୍ତି । ଆପଣ ଆମ ପାଇଁ ସୁଖ-ଶାନ୍ତି ଦାୟକ ହୁଅନ୍ତୁ ଅର୍ଥାତ୍ ଆମେ ଆପଣଙ୍କ ପ୍ରଦର୍ଶିତ ନ୍ୟାୟ-ଧର୍ମ ମାର୍ଗରେ ହିଁ ସର୍ବଦା ଗତିକରୁ ଯଦ୍ୱାରା କି ଆପଣଙ୍କ ନ୍ୟାୟ-ବ୍ୟବସ୍ଥାନୁସାରେ ଆମକୁ ସଦା ସୁଖ-ଶାନ୍ତି ମିଳିବ । ନିଜ ଭିତରେ ଅନ୍ନ-ଜଳାଦି ବିବିଧ ପଦାର୍ଥ ଧାରଣକାରିଣୀ ପୃଥିବୀ ଆମକୁ ସୁଖ-ଶାନ୍ତିଦାୟିନୀ ହେଉ । ବିସ୍ତୃତ ଦ୍ୟୁ, ଅନ୍ତରିକ୍ଷ ଓ ଭୂଲୋକ ଆମ ପାଇଁ କଲ୍ୟାଣକାରୀ ହେଉ । ମେଘ ଦିବ୍ୟ ବାରିଧାରା ବର୍ଷଣ କରୁ ଓ ପର୍ବତରୁ ଝରଣା-ନଦୀ-ନାଳ ରୂପେ ତାହା ଚତୁର୍ଦ୍ଦିଗରେ ବ୍ୟାପି ଯାଇ ପ୍ରାଣୀଙ୍କ ସତତ ହିତସାଧନ କରୁ । ଆତ୍ମାକୁ ଜାଗ୍ରତ କଲା ଭଳି  ବିଦ୍ୱାନଙ୍କ ଆହ୍ୱାନ, ସଦୁପଦେଶ ଆମକୁ ସର୍ବଦା ସୁଖ-ଶାନ୍ତି-ଆନନ୍ଦ ପ୍ରାପ୍ତିର ପଥରେ ପରିଚାଳିତ କରୁ ।

**ଓ୩ମ୍ ଶଂ ନୋ ଅଗ୍ନିର୍ଜ୍ୟୋତିରନୀକୋ ଅସ୍ତୁ ଶଂ ନୋ ମିତ୍ରାବରୁଣାବଶ୍ୱିନା ଶମ୍ । ଶଂ ନଃ ସୁକୃତାଂ ସୁକୃତାନି ସନ୍ତୁ ଶଂ ନ ଇଷିରୋ ଅଭିବାତୁ ବାତଃ ॥ ୪ ॥**

**ପଦାର୍ଥ —** ହେ ଜଗଦୀଶ୍ୱର ! ଆପଣଙ୍କ କୃପାରୁ **(ଜ୍ୟୋତିରନୀକଃ)** ପ୍ରକାଶ ସେନା-ବଳରେ ଯୁକ୍ତ ଅର୍ଥାତ୍ ଜ୍ୱାଳାଯୁକ୍ତ ପ୍ରଜ୍ୱଳିତ **(ଅଗ୍ନିଃ)** ଅଗ୍ନି **(ନଃ)** ଆମ ପାଇଁ **(ଶମ୍)** ସୁଖକାରୀ **(ଅସ୍ତୁ)** ହେଉ । **(ମିତ୍ରାବରୁଣୌ)** ପ୍ରାଣ-ଅପାନ **(ନଃ)** ଆମ ପାଇଁ **(ଶମ୍)** ସୁଖକର ହେଉ । **(ଅଶ୍ୱିନୌ)** ସୂର୍ଯ୍ୟ ଓ ଚନ୍ଦ୍ର (ପ୍ରକାଶକ ଓ ପ୍ରକାଶ୍ୟ ଲୋକ) **(ଶମ୍)** ସୁଖଶାନ୍ତି ଦାୟକ ହୁଅନ୍ତୁ । **(ସୁକୃତାମ୍)** ଉତ୍ତମ ବ୍ୟକ୍ତିଙ୍କ **(ସୁକୃତାନି)** ଉତ୍ତମ କର୍ମ-ଆଚରଣ ସମୂହ **(ନଃ)** ଆମ ପାଇଁ **(ଶମ୍)** ସୁଖଶାନ୍ତିକାରକ **(ସନ୍ତୁ)** ହେଉ । **(ଇଷିରଃ)** ଇଚ୍ଛିତ ହିତସାଧକ, ଗତିଶୀଳ **(ବାତଃ)** ବାୟୁ **(ନଃ)** ଆମ ପାଇଁ **(ଶମ୍)** ସୁଖଶାନ୍ତିକାରୀ ରୂପେ

**(ଅଭିବାତୁ)** ଚତୁର୍ଦ୍ଦିଗରୁ ପ୍ରବାହିତ ହେଉ ।

**ଭାବାର୍ଥ —** ହେ ଜଗଦୀଶ୍ୱର ! ଆପଣଙ୍କ କୃପାରୁ ତେଜୋମୟ ପାର୍ଥିବ ଅଗ୍ନିର ସଦୁପଯୋଗ କରି ଜ୍ଞାନ-ବିଜ୍ଞାନର ଉନ୍ନତି ସାଧନ ଦ୍ୱାରା ଆମ ଜୀବନକୁ ସୁଖମୟ କରୁ । ପ୍ରାଣ-ଅପାନ, ସୂର୍ଯ୍ୟ-ଚନ୍ଦ୍ର ଆମ ପାଇଁ ସୁଖମୟ ହୁଅନ୍ତୁ । ସଦାଚାରୀ ବ୍ୟକ୍ତିଙ୍କ ଉତ୍ତମ ଆଚରଣ ଆମ ପାଇଁ ସୁଖପ୍ରଦ ହେଉ, ଆମେ ସେମାନଙ୍କ କର୍ମର ଅନୁକୂଳ ଆଚରଣ କରୁ । ଇଚ୍ଛିତ ହିତସାଧକ, ଗତିଶୀଳ ବାୟୁ ସୁଖଶାନ୍ତିଦାୟକ ରୂପେ ଚତୁର୍ଦ୍ଦିଗରୁ ପ୍ରବାହିତ ହେଉ ।

**ଓ୩ମ୍ ଶଂ ନୋ ଦ୍ୟାବାପୃଥିବୀ ପୂର୍ବହୂତୌ ଶମନ୍ତରିକ୍ଷଂ ଦୃଶୟେ ନୋ ଅସ୍ତୁ । ଶଂ ନ ଓଷଧୀର୍ବନିନୋ ଭବନ୍ତୁ ଶଂ ନୋ ରଜସସ୍ପତିରସ୍ତୁ ଜିଷ୍ଣୁଃ ॥ ୫ ॥**

**ପଦାର୍ଥ —** ହେ ଜଗଦୀଶ୍ୱର ! ଆପଣଙ୍କ କୃପାରୁ **(ପୂର୍ବହୂତୌ)** ଦିବସର ପ୍ରଥମ ଆହ୍ୱାନ-ଶବ୍ଦୋଚ୍ଚାରଣ କାଳରେ, ପ୍ରାତଃକାଳିକ ବନ୍ଦନା କରିବା ଉଷାକାଳରେ **(ଦ୍ୟାବାପୃଥିବୀ)** ଦ୍ୟୁଲୋକ ଓ ପୃଥିବୀ ଲୋକ **(ନଃ)** ଆମ ପାଇଁ **(ଶମ୍)** ଶାନ୍ତିଦାୟକ ହୁଅନ୍ତୁ । **(ଅନ୍ତରିକ୍ଷମ୍)** ଆକାଶ **(ଦୃଶୟେ)** ଦେଖିବା ପାଇଁ **(ନଃ)** ଆମ ସକାଶେ **(ଶମ୍)** ଶାନ୍ତିଦାୟକ **(ଅସ୍ତୁ)** ହେଉ । **(ଓଷଧୀଃ)** ସୋମଲତାଦି ଓଷଧି, ଅନ୍ନ ଆଦି ଏବଂ **(ବନିନଃ)** ବୃକ୍ଷ-ବନସ୍ପତି ସମୂହ **(ନଃ)** ଆମ ନିମନ୍ତେ **(ଶମ୍)** ଶାନ୍ତିଦାୟକ **(ଭବନ୍ତୁ)** ହୁଅନ୍ତୁ । **(ରଜସଃ)** ଲୋକ-ଲୋକାନ୍ତରର **(ପତିଃ)** ସ୍ୱାମୀ, ପାଳକ **(ଜିଷ୍ଣୁଃ)** ଜୟଶୀଳ, ସର୍ବବିଜେତା, ସର୍ବଶକ୍ତିମାନ୍ ପରମାତ୍ମା **(ନଃ)** ଆମ ପାଇଁ **(ଶମ୍)** ସୁଖଶାନ୍ତିଦାୟକ **(ଅସ୍ତୁ)** ହୁଅନ୍ତୁ ।

**ଭାବାର୍ଥ —** ଦିବସର ପ୍ରଥମ ସମୟ ଉଷାକାଳ ଚେତନାର, ପ୍ରଗତିର ବାର୍ତ୍ତା ବହନ କରେ । ଯେଉଁ ବ୍ୟକ୍ତି ସେହି ସମୟରେ ସମସ୍ତ ଚେତନାର ଆଧାର, କଲ୍ୟାଣର ଭଣ୍ଡାର ଜଗଦୀଶ୍ୱରଙ୍କ ସ୍ତୁତି-ପ୍ରାର୍ଥନା-ଉପାସନାରେ ତଲ୍ଲୀନ ରହେ ତା'ର ଆତ୍ମଜାଗରଣ ଓ ସର୍ବବିଧ ଉନ୍ନତି ସାଧିତ ହୁଏ । ସେହି ସମୟର ଶାନ୍ତ ମସ୍ତିଷ୍କରେ ଇହଲୋକ ଓ ପରଲୋକର କଲ୍ୟାଣ ପାଇଁ କୃତ ଚିନ୍ତନ ଜୀବନକୁ ସରସ-ସୁନ୍ଦର କରେ, ଦ୍ୟୁଲୋକ ଓ ପୃଥିବୀଲୋକରୁ ତା' ପାଖକୁ କଲ୍ୟାଣ ହିଁ କଲ୍ୟାଣର ଶୁଭାଗମନ ହୁଏ । ଉଷାକାଳରେ ଅନ୍ତରିକ୍ଷ ଅନିର୍ବଚନୀୟ ସୌନ୍ଦର୍ଯ୍ୟର ଛଟା ବହନ କଲା ଭଳି ହେ ପ୍ରଭୋ ! ଆମମାନଙ୍କ ହୃଦୟାକାଶ ସୁନ୍ଦର ଭାବନାରେ ଭାବିତ ହେଉ । ସୋମଲତାଦି ଓଷଧି, ଅନ୍ନାଦି ଏବଂ ବୃକ୍ଷ-ବନସ୍ପତିସମୂହ ଆମ ପାଇଁ ସୁଖ-ଶାନ୍ତିଦାୟକ ଯେପରି ହେବେ ଆମେ ସେଭଳି ପ୍ରଯତ୍ନ କରୁଁ । ବିଶ୍ୱର ଅଣୁ-ପରମାଣୁରେ ବ୍ୟାପକ, ସମଗ୍ର ବିଶ୍ୱର ପତି, ସର୍ବବିଜେତା-ସର୍ବଶକ୍ତିମାନ୍ ବିଭୋ ! ଆପଣଙ୍କ କୃପାରୁ ଚତୁର୍ଦ୍ଦିଗରୁ ଆମ ଉପରେ ସୁଖ ଶାନ୍ତିର ବୃଷ୍ଟି ହେଉ ।

**ଓ୩ମ୍ ଶଂ ନ ଇନ୍ଦ୍ରୋ ବସୁଭିର୍ଦେବୋ ଅସ୍ତୁ ଶମାଦିତ୍ୟେଭିର୍ବରୁଣଃ ସୁଶଂସଃ । ଶଂ ନୋ ରୁଦ୍ରୋ ରୁଦ୍ରେଭିର୍ଜଲାଷଃ ଶଂ ନସ୍ତ୍ୱଷ୍ଟା ଗ୍ନାଭିରିହ ଶୃଣୋତୁ ॥ ୬ ॥**

**ପଦାର୍ଥ —** ହେ ଜଗଦୀଶ୍ୱର ! ଆପଣଙ୍କ କୃପାରୁ **(ଦେବଃ)** ଦିବ୍ୟ ଗୁଣଯୁକ୍ତ **(ଇନ୍ଦ୍ରଃ)** ସୂର୍ଯ୍ୟ, ବିଦ୍ୟୁତ୍ **(ବସୁଭିଃ)** ଜୀବନଦାୟକ କିରଣ ସହ, ବାୟୁ ସହ **(ନଃ)** ଆମ ପାଇଁ **(ଶମ୍)** ସୁଖକାରକ **(ଅସ୍ତୁ)** ହେଉ । **(ସୁଶଂସଃ)** ପ୍ରଶଂସନୀୟ ଗୁଣଯୁକ୍ତ **(ବରୁଣଃ)** ଜଳ **(ଆଦିତ୍ୟେଭିଃ)** ସୂର୍ଯ୍ୟକିରଣ ସହ, ବର୍ଷର ବାର ମାସ ଯାକ **(ଶମ୍)** ସୁଖଶାନ୍ତିଦାୟକ ହେଉ । **(ଜଲାଷଃ)** ଦୁଃଖ ନିବାରକ **(ରୁଦ୍ରଃ)** ପରମେଶ୍ୱର **(ରୁଦ୍ରେଭିଃ)** ପ୍ରାଣ ସହ **(ନଃ)** ଆମ ସକାଶେ **(ଶମ୍)** ସୁଖଶାନ୍ତିକାରକ ହୁଅନ୍ତୁ । **(ତ୍ୱଷ୍ଟା)** ଅଗ୍ନି ସମ ତେଜସ୍ୱୀ, ସତ୍ୟ-ଅସତ୍ୟର ସମ୍ୟକ୍ ବିବେଚକ ବିଦ୍ୱାନ୍ **(ଗ୍ନାଭିଃ)** ଉତ୍ତମ ଉପଦେଶ ଦ୍ୱାରା **(ଇହ)** ଏହି ସଂସାରରେ **(ନଃ)** ଆମ ସକାଶେ **(ଶମ୍ ଶୃଣୋତୁ)** ସୁଖଶାନ୍ତିର କାରଣ ହୁଅନ୍ତୁ, ଆମର ସମସ୍ୟା-ପ୍ରାର୍ଥନା ଶାନ୍ତ ଚିତ୍ତରେ ଶୁଣି ନିରାକରଣର ସମୁଚିତ ଉପାୟ ଦିଅନ୍ତୁ ।

**ଭାବାର୍ଥ —** ହେ ଜଗଦୀଶ୍ୱର ! ଆପଣଙ୍କ କୃପାରୁ ଦିବ୍ୟ ଗୁଣଯୁକ୍ତ ସୂର୍ଯ୍ୟ ଜୀବନଦାୟକ କିରଣ ସହ, ବିଦ୍ୟୁତ୍ ବାୟୁ ସହ ଆମ ପାଇଁ ସୁଖକାରକ ହେଉ । ପ୍ରଶଂସନୀୟ

ଗୁଣଯୁକ୍ତ ଜଳ ସୂର୍ଯ୍ୟକିରଣ  ସହ ବର୍ଷର ବାର ମାସ ଯାକ ସୁଖଶାନ୍ତିଦାୟକ ହେଉ । ହେ ଦୁଃଖନିବାରକ, ଜୀବମାନଙ୍କ ଉତ୍ତମ ଅଭିଳାଷ ପୂର୍ଣ୍ଣକାରୀ, ଦୁଷ୍ଟଙ୍କୁ ଦଣ୍ଡଦାତା ପରମେଶ୍ୱର ! ଆପଣ ପ୍ରାଣ ସହ ତଥା ସ୍ୱ ଦୁଷ୍ଟଦଣ୍ଡଦାତା ଗୁଣ ସହ ଆମ ନିମନ୍ତେ ସୁଖଶାନ୍ତିଦାୟକ ହୁଅନ୍ତୁ । ଅଗ୍ନି ସମ ତେଜସ୍ୱୀ, ସତ୍ୟ-ଅସତ୍ୟର ସମ୍ୟକ୍ ବିବେଚକ ବିଦ୍ୱାନ୍ ଉତ୍ତମ ଉପଦେଶ ଦ୍ୱାରା ଏହି ସଂସାରରେ ଆମର ସୁଖ-ଶାନ୍ତିର କାରଣ ହୁଅନ୍ତୁ, ଆମ ସମସ୍ୟା-ପ୍ରାର୍ଥନାକୁ ଶାନ୍ତ ଚିତ୍ତରେ ଶୁଣି ନିରାକରଣର ସମୁଚିତ ଉପାୟ ଦିଅନ୍ତୁ ।

**ଓ୩ମ୍ ଶଂ ନଃ ସୋମୋ ଭବତୁ ବ୍ରହ୍ମ ଶଂ ନଃ ଶଂ ନୋ ଗ୍ରାବାଣଃ ସମୁ ସନ୍ତୁ ଯଜ୍ଞାଃ । ଶଂ ନଃ ସ୍ୱରୂଣାଂ ମିତୟୋ ଭବନ୍ତୁ ଶଂ ନଃ ପ୍ରସ୍ୱଃ ଶମ୍ୱସ୍ତୁ ବେଦିଃ ॥ ୭ ॥**

**ପଦାର୍ଥ —** ହେ ପ୍ରଭୋ ! **(ସୋମଃ)** ଯଜ୍ଞରେ ପ୍ରଯୁକ୍ତ ସୋମ ଓଷଧି **(ନଃ)** ଆମ ପାଇଁ **(ଶମ୍)** ସୁଖକାରୀ **(ଭବତୁ)** ହେଉ । **(ବ୍ରହ୍ମ)** ବେଦମନ୍ତ୍ର **(ନଃ)** ଆମ ସକାଶେ **(ଶମ୍)** ସୁଖଶାନ୍ତି ଦାୟକ ହେଉ । **(ଗ୍ରାବାଣଃ)** ଯଜ୍ଞର ସାଧନଭୂତ ପ୍ରସ୍ତର, ଇଷ୍ଟକ ଆଦି ପଦାର୍ଥ **(ନଃ)** ଆମ ନିମନ୍ତେ **(ଶମ୍)** ସୁଖୋତ୍ପାଦକ **(ସନ୍ତୁ)** ହୁଅନ୍ତୁ । **(ଯଜ୍ଞାଃ)** ବିବିଧ ପ୍ରକାର ଯଜ୍ଞ **(ଉ)** ନିଶ୍ଚିତ ରୂପେ **(ଶମ୍)** ସୁଖଶାନ୍ତିଦାୟକ ହେଉ । **(ସ୍ୱରୂଣାମ୍)** ଯଜ୍ଞୀୟ-ସ୍ତମ୍ଭାଦିର **(ମିତୟଃ)** ମାପ, ପରିମାଣ **(ନଃ)** ଆମ ପାଇଁ **(ଶମ୍)** ସୁଖଦାୟକ **(ଭବନ୍ତୁ)** ହେଉ । **(ପ୍ରସ୍ୱଃ)** ଓଷଧି ସମୂହ **(ନଃ)** ଆମ ପାଇଁ **(ଶମ୍)** ଶାନ୍ତିଦାୟକ ହୁଅନ୍ତୁ । **(ବେଦିଃ)** ଯଜ୍ଞବେଦି **(ଉ)** ନିଶ୍ଚିତ ରୂପେ **(ଶମ୍)** ସୁଖଦାୟକ **(ଅସ୍ତୁ)** ହେଉ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରୁ ଓଷଧିଙ୍କ ରାଜା ସୋମ, ବେଦମନ୍ତ୍ର, ଯଜ୍ଞର ସାଧନଭୂତ ପ୍ରସ୍ତର-ଇଷ୍ଟକ, ବିବିଧ ପ୍ରକାର ଯଜ୍ଞ, ଯଜ୍ଞଶାଳା, ଯଜ୍ଞବେଦି, ଯଜ୍ଞସ୍ତମ୍ଭ ଏ ସବୁ ଆମ ପାଇଁ ସୁଖ-ଶାନ୍ତିଦାୟକ ହେଉ । ପ୍ରତ୍ୟେକ ସାଧନ ସୁବ୍ୟବସ୍ଥିତ ହେଉ ।

**ଓ୩ମ୍ ଶଂ ନଃ ସୂର୍ଯ୍ୟ ଉରୁଚକ୍ଷା ଉଦେତୁ ଶଂ ନଶ୍ଚତସ୍ରଃ ପ୍ରଦିଶୋ ଭବନ୍ତୁ । ଶଂ ନଃ ପର୍ବତା ଧ୍ରୁବୟୋ ଭବନ୍ତୁ ଶଂ ନଃ ସିନ୍ଧବଃ ଶମୁ ସନ୍ତ୍ୱାପଃ ॥ ୮ ॥**

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ କୃପାରେ **(ଉରୁଚକ୍ଷାଃ)** ଅତ୍ୟନ୍ତ ପ୍ରକାଶଯୁକ୍ତ, ଅସଂଖ୍ୟ ପଦାର୍ଥର ପ୍ରକାଶକ **(ସୂର୍ଯ୍ୟଃ)** ସୂର୍ଯ୍ୟ **(ନଃ)** ଆମ ପାଇଁ **(ଶମ୍)** ସୁଖଶାନ୍ତି ଦାୟକ ରୂପେ **(ଉଦେତୁ)** ଉଦୟ ହେଉ । **(ଚତସ୍ରଃ)** ଚାରି **(ପ୍ରଦିଶଃ)** ଦିଗ **(ନଃ)** ଆମ ସକାଶେ **(ଶମ୍)** ଶାନ୍ତିକାରକ **(ଭବନ୍ତୁ)** ହୁଅନ୍ତୁ । **(ଧ୍ରୁବୟଃ)** ସ୍ଥିର-ଅଚଳ **(ପର୍ବତାଃ)** ପର୍ବତସମୂହ **(ନଃ)** ଆମ ନିମନ୍ତେ **(ଶମ୍)** ସୁଖ-ଶାନ୍ତିଦାତା **(ଭବନ୍ତୁ)** ହୁଅନ୍ତୁ । **(ସିନ୍ଧବଃ)** ନଦୀ-ସମୁଦ୍ର ଆଦି **(ନଃ)** ଆମ ପାଇଁ **(ଶମ୍)** ସୁଖ-ଶାନ୍ତି ପ୍ରଦାୟକ ହୁଅନ୍ତୁ **(ଉ)** ଏବଂ **(ଆପଃ)** ସମସ୍ତ ଜଳ **(ନଃ)** ଆମ ପାଇଁ **(ଶମ୍)** ଶାନ୍ତିକାରକ **(ସନ୍ତୁ)** ହେଉ ।

**ଭାବାର୍ଥ —** ହେ ଜଗଦୀଶ୍ୱର ! ଆପଣଙ୍କ କୃପାରୁ ଆମେ ସୂର୍ଯ୍ୟଙ୍କ ଭଳି ପ୍ରକାଶବାନ୍ ହୋଇ ଅନ୍ୟର ପଥପ୍ରଦର୍ଶକ ହେଉ । ନବୋଦିତ ସୂର୍ଯ୍ୟର କିରଣରୁ ଆମେ ଯଥାଯଥ ଉପକୃତ ହେବା ଭଳି ଆମ ପ୍ରୟାସ ରହୁ । ଚତୁର୍ଦ୍ଦିଗରୁ ସୁଖ-ଶାନ୍ତି ଆସିବା ଭଳି ଆମ କର୍ମ ହେଉ । ଚାରିଦିଗର ବିସ୍ତୃତି ପରି ଶୁଭ କର୍ମ ଦ୍ୱାରା ଆମ ଯଶ ପରିବ୍ୟାପ୍ତ ହେଉ । ପ୍ରକୃତି ସହ ଆମେ ସେଭଳି ବ୍ୟବହାର କରୁ ଯଦ୍ୱାରା ଅଚଳ-ସ୍ଥିର ପର୍ବତଶ୍ରେଣୀ ଆମ ପାଇଁ ସୁଖକର ହେବେ । ଆମେ ଆମର ଶୁଭକର୍ମରେ ପର୍ବତ ଭଳି ଅଚଳ-ଅଟଳ ରହୁ । ଆମ କର୍ମ ଦ୍ୱାରା ପ୍ରାକୃତିକ ସନ୍ତୁଳନ ରକ୍ଷା ହୋଇ ନଦୀ-ସମୁଦ୍ର ସମୂହ ଆମର ସଦା କଲ୍ୟାଣ ହିଁ କରନ୍ତୁ । ଆମେ ଜଳ ପରି ଶାନ୍ତି, ସମତା ଗୁଣଯୁକ୍ତ ହେଉ । ଜଳକୁ ସଦା ପ୍ରଦୂଷଣମୁକ୍ତ କରିବାର ପ୍ରୟାସ କରୁ ଯଦ୍ୱାରା ଏହା ଅଯଥା ଅଶାନ୍ତି ଉତ୍ପନ୍ନ କରିବ ନାହିଁ ।

**କ୍ରମଶଃ...**

❖❖❖

**ସିଦ୍ଧାନ୍ତ ଚର୍ଚ୍ଚା :**

# ଜୀବ କ'ଣ ?

**ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ**

ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ଏହି ପ୍ରଶ୍ନ ଉଠିଥାଏ ଯେ 'ମୁଁ କ'ଣ ?' ଏବଂ ଏହା ହିଁ ମନୁଷ୍ୟର କର୍ତ୍ତବ୍ୟର ଆଧାର । ଭିନ୍ନ-ଭିନ୍ନ ବ୍ୟକ୍ତି ଏହାର ଭିନ୍ନ-ଭିନ୍ନ ଉତ୍ତର ଦେଇଥାନ୍ତି । ସେଥିରୁ କିଛି ଏଠାରେ ଉପସ୍ଥାପନ କରାଯାଉଛି ।

**୧.** କେତେକ ଲୋକ କହନ୍ତି ଯେ ହଳଦୀ ଓ ଚୂନ ମିଶି ଯେଉଁପରି କୁଙ୍କୁମ ତିଆରି ହୁଏ ସେହିପରି ପୃଥ୍ୱୀ, ଜଳ, ଅଗ୍ନି, ବାୟୁ ଆଦି ପଞ୍ଚଭୂତର ସମ୍ମିଶ୍ରଣରେ ଚେତନ ଶରୀର ନିର୍ମିତ ହୁଏ ଏବଂ ଯେତେବେଳେ ମୃତ୍ୟୁ ଘଟେ ସେତେବେଳେ ଶରୀରର ପଞ୍ଚଭୂତ ଅଲଗା-ଅଲଗା ହୋଇଯାଆନ୍ତି ଓ ଜୀବର ବିନାଶ ଘଟିଥାଏ । ଏଭଳି ଲୋକଙ୍କ ମତରେ ନା ସ୍ୱର୍ଗ ଅଛି ନା ନର୍କ, ନା ପରଲୋକ ନା ପୁନର୍ଜନ୍ମ, କାରଣ ଜୀବ ଶରୀରରୁ ଭିନ୍ନ ଅନ୍ୟ କୌଣସି ପୃଥକ୍ ପଦାର୍ଥ ନୁହେଁ । ଏହି ମତ ସର୍ବଥା ଭ୍ରମାତ୍ମକ । କାରଣ ଅଗ୍ନି, ବାୟୁ ଆଦି ଜଡ଼(ଅଚେତନ) ପଦାର୍ଥର ସଂଯୋଗରୁ ଚେତନ ଜୀବର ଉତ୍ପତ୍ତି କଦାପି ସମ୍ଭବ ନୁହେଁ । ସୁନା ଓ ତମ୍ବାକୁ ମିଶାଇ ରୁପାର ହାଣ୍ଡି ତିଆରି କରାଯାଇପାରେ ନାହିଁ । ପଞ୍ଚଭୂତରୁ ତ ହାଣ୍ଡି, ମାଠିଆ ଆଦି ଅନ୍ୟ ପଦାର୍ଥ ବି ତିଆରି ହୁଏ । ତେବେ ସେସବୁ କାହିଁକି ଚେତନ ହୋଇଯାଆନ୍ତି ନାହିଁ ? ମୃତ୍ୟୁ ପରେ ବି ତ ଶରୀରରେ ପଞ୍ଚଭୂତ ରହିଥାନ୍ତି; କିନ୍ତୁ ସେଥିରେ ଚେତନତା ରହେ ନାହିଁ କାହିଁକି ? କୁଙ୍କୁମରେ ଚୂନ ଓ ହଳଦୀ ଉଭୟର ଗୁଣ ମିଶି ରହିଥାଏ; କିନ୍ତୁ ଚେତନତା ଶରୀର ଠାରୁ ଭିନ୍ନ ଏକ ପଦାର୍ଥ ଯେଉଁଥିରେ ନା ଅଗ୍ନିର ଗୁଣ ଅଛି ନା ପୃଥିବୀର ।

## ଜୀବ ବି ଅଛି ଏବଂ ଶରୀର ବି ରହିଛି

କିଛି ଲୋକ କହନ୍ତି ଯେ ଶରୀରର ଭିନ୍ନ-ଭିନ୍ନ ଅବସ୍ଥାର ନାମ ହିଁ ଚେତନତା । ଆମର ଇନ୍ଦ୍ରିୟଗୁଡ଼ିକ ଉପରେ ଯେତେବେଳେ ଯେଉଁଭଳି ବାହ୍ୟ ପଦାର୍ଥର ପ୍ରଭାବ ପଡ଼େ ସେତେବେଳେ ସେହି ଭଳି ଭାବ ଉଠିଥାଏ । ଯଦି ଜୀବ ଶରୀର ଠାରୁ ଭିନ୍ନ ଏକ ପଦାର୍ଥ, ତେବେ ଶରୀରର ବିଭିନ୍ନ ଅବସ୍ଥା ଠାରୁ ପୃଥକ୍ ରୂପେ ତା'ର ଅନୁଭବ ହେବା ଉଚିତ ଥିଲା । କିନ୍ତୁ ଏହି କଥା ଠିକ୍ ନୁହେଁ । କାରଣ ଉଭୟ କଥା ଦେଖାଯାଏ — କେଉଁଠି ତ ମୌଳିକ ପଦାର୍ଥର ପ୍ରଭାବ ଆମର ଭାବକୁ ବଦଳାଇଥାଏ, ପୁଣି କେଉଁଠି ଭାବର ପରିବର୍ତ୍ତନ ଦ୍ୱାରା ଶରୀରର ଅବସ୍ଥାରେ ପରିବର୍ତ୍ତନ ହୋଇଥାଏ । ଯେପରିକି କେତେବେଳେ ଶରୀରର ଦୁର୍ବଳତା ଚିନ୍ତା ଉତ୍ପନ୍ନ କରିଥାଏ ତ ପୁଣି କେତେବେଳେ ଚିନ୍ତାରୁ ଶରୀର କ୍ଷୀଣ ହୋଇଥାଏ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଜୀବ ବି ଅଛି ଏବଂ ଶରୀର ବି ରହିଛି । ଏହି ବିଷୟରେ ସଂକ୍ଷେପରେ ନିମ୍ନ କଥା ବିଚାରଣୀୟ —

**କ.** ଯଦି ଚେତନତା ଶରୀରଠାରୁ ଭିନ୍ନ ଏକ ବସ୍ତୁ ନୁହେଁ, ତେବେ ତାହା ସେହି ତତ୍ତ୍ୱଗୁଡ଼ିକରେ ଥିବ ଯେଉଁଥିରୁ ଶରୀର ନିର୍ମାଣ ହୁଏ । କିନ୍ତୁ ତତ୍ତ୍ୱଗୁଡ଼ିକରେ ଚେତନତା ନାହିଁ । ଯଦି ଭିନ୍ନ-ଭିନ୍ନ ତତ୍ତ୍ୱରେ ଭିନ୍ନ-ଭିନ୍ନ ଚେତନତା ଥାଏ, ତେବେ ସେହି ଭିନ୍ନ-ଭିନ୍ନ ଚେତନାର ସଂଯୋଗରୁ ଆମ ଭଳି ଚେତନତା ଉତ୍ପନ୍ନ ହୋଇପାରିବ ନାହିଁ ।

**ଖ.** ଯଦି ପୃଥିବୀ ଆଦି ତତ୍ତ୍ୱଗୁଡ଼ିକର ସଂଯୋଗରୁ

ଚେତନତା ସୃଷ୍ଟି ହୋଇଥାନ୍ତା, ତେବେ ହାଣ୍ଡିରେ ମଧ୍ୟ ଚେତନତା ରହନ୍ତା, କାରଣ ହାଣ୍ଡି ବି ତ ଆମ ଶରୀର ପରି ସେହି ତତ୍ତ୍ୱଗୁଡ଼ିକରୁ ନିର୍ମିତ ।

## ସଦା ଚେତନ ନୁହେଁ କାହିଁକି ?

**ଗ.** ଯଦି ପୃଥିବୀ ଆଦି ତତ୍ତ୍ୱର ଗୁଣ ଚେତନତା ହୋଇଥାନ୍ତା, ତେବେ ଯେତେବେଳ ପର୍ଯ୍ୟନ୍ତ ଶରୀରରେ ପୃଥିବୀ ଆଦି ତତ୍ତ୍ୱ ରହିଛନ୍ତି ସେତେବେଳ ପର୍ଯ୍ୟନ୍ତ ସେଥିରେ ଚେତନତା ବି ରହିଥାନ୍ତା; ଯେପରିକି ଅଗ୍ନିରେ ଉତ୍ତାପ ସର୍ବଦା ରହିଥାଏ । କିନ୍ତୁ ଆମେ ଦେଖୁ ଯେ, ମୃତ୍ୟୁ ପରେ ଶରୀରରେ ଚେତନତା ରହେ ନାହିଁ, ଯଦ୍ୟପି ଶରୀର ନିଜର ସମସ୍ତ ତତ୍ତ୍ୱ ସହ ବିଦ୍ୟମାନ ଥାଏ । ବେଳେବେଳେ ଜୀବିତ ଅବସ୍ଥାରେ ମଧ୍ୟ ବ୍ୟକ୍ତି ମୂର୍ଚ୍ଛା ହେବାର ଦେଖାଯାଏ । ସେତେବେଳେ ତ ଶରୀରରେ ଚେତନତା ଥାଏ । ଏଥିରୁ ସ୍ୱଷ୍ଟ ଜଣାଯାଏ ଯେ ଜୀବ ଶରୀରଠାରୁ ଏକ ଭିନ୍ନ ପଦାର୍ଥ ।

## ସ୍ମୃତିର ନିରନ୍ତରତା କାହିଁକି

**ଘ.** ଯଦି ଜୀବର ସତ୍ତା ଶରୀର ଠାରୁ ଭିନ୍ନ ନ ହୁଏ ତେବେ ଯୁବାବସ୍ଥାର ଘଟଣା ବୃଦ୍ଧାବସ୍ଥାରେ କିପରି ମନେ ରହେ? ଶରୀର ତ ସର୍ବଥା ପରିବର୍ତ୍ତିତ ହୋଇଯାଏ । ଯେଉଁ ଶରୀର ଯୁବାବସ୍ଥାରେ ଥାଏ, ତାହା ବୃଦ୍ଧାବସ୍ଥାରେ ରହେ ନାହିଁ ।

**ଙ.** ମନୋବିଜ୍ଞାନ (Psychology) ଦ୍ୱାରା ଜଣାଯାଏ ଯେ ପ୍ରତ୍ୟେକ ମନୁଷ୍ୟ ନିଜର ଆତ୍ମାକୁ ନିଜର ଶରୀର ଠାରୁ ଭିନ୍ନ ବୋଲି ବିଚାର କରେ । ଯେତେବେଳେ ଆମେ କହୁ ଯେ ଏହା ମୋର ହାତ, ଏହା ମୋର ପେଟ ଇତ୍ୟାଦି, ସେତେବେଳେ ଆମ କହିବାର ତାତ୍ପର୍ଯ୍ୟ ଏହା ଥାଏ ଯେ ଶରୀର ଏବଂ ଶରୀରର ଅଙ୍ଗ-ପ୍ରତ୍ୟଙ୍ଗ ଆତ୍ମା ଠାରୁ ଭିନ୍ନ ପଦାର୍ଥ ।

## ପୁଣି ହର୍ଷ-ଶୋକ କାହିଁକି ?

**୨.** କିଛି ଲୋକ (ବୌଦ୍ଧ ଆଦି) କହନ୍ତି ଯେ ଜୀବ କୌଣସି ସ୍ୱତନ୍ତ୍ର ବସ୍ତୁ ନୁହେଁ, କେବଳ ଜ୍ଞାନର ଧାରା ମାତ୍ର, ଯେଉଁପରି କି ନଦୀର ଧାରା । ଯେଉଁପରି ଜଳ ଧାରାରେ ଗୋଟିଏ ସ୍ଥାନର ଜଳ ବୋହିଯାଏ ତ ଅନ୍ୟ ଜଳ ସେହି ସ୍ଥାନକୁ ଚାଲିଆସେ, ସେହିପରି ଜ୍ଞାନ ବା ଚେତନାର ଧାରା ପ୍ରବାହିତ ହେଉଛି । କିନ୍ତୁ ଏହା ଠିକ୍ ନୁହେଁ । ଚେତନତା ଜୀବର ଗୁଣ । ଜୀବ ଏକ ଭିନ୍ନ ପଦାର୍ଥ । ଯଦି ଏପରି ନୁହେଁ, ତେବେ ଅତୀତର କଥା କିପରି ମନେରହେ ? ଯଦି କୁହାଯାଏ ଯେ – ଜ୍ଞାନର ଗୋଟିଏ ଅବସ୍ଥା ପରବର୍ତ୍ତୀ ଅବସ୍ଥାକୁ ପୁରୁଣା ଜ୍ଞାନକୁ ସମର୍ପଣ କରିଦିଏ, ତେବେ ଏହା ବି ଠିକ୍ ନୁହେଁ । କାରଣ ନିଜ ଅତୀତର ଉତ୍ତମ କର୍ମକୁ ସ୍ମରଣ କରି ଆମକୁ ସୁଖ ଅନୁଭବ ହୁଏ ଏବଂ ପାପ ବା ମନ୍ଦ କାର୍ଯ୍ୟକୁ ସ୍ମରଣ କରି ପଶ୍ଚାତ୍ତାପ ହୋଇଥାଏ । ଏଥିରୁ ଜଣାଯାଏ ଯେ 'ମୁଁ' ଏକ ଅଲଗା ପଦାର୍ଥ । କେବଳ ଜ୍ଞାନର ଧାରାର ନାମ 'ମୁଁ' ନୁହେଁ । ଯଦି ଜ୍ଞାନର ପ୍ରଥମ ଅବସ୍ଥା ଦ୍ୱିତୀୟ ଅବସ୍ଥାର କାରଣ ହୋଇଥାନ୍ତା ତେବେ ଏପରି ଦୁଇଟି ଜ୍ଞାନ, ଯେଉଁମାନଙ୍କର ପରସ୍ପର ସହ କୌଣସି ସମ୍ବନ୍ଧ ନ ଥାଏ, ଗୋଟିଏ ଅନ୍ୟଟିର ପରେ ବି ରହି ପାରନ୍ତେ ନାହିଁ ଏବଂ ପୁତ୍ରକୁ ବାପାଙ୍କର ଜୀବନର ଘଟଣା ବି ସ୍ମରଣ ରହିବା ଦରକାର ଥିଲା । କିନ୍ତୁ ଏପରି ହୁଏ ନାହିଁ । ଏଥିରୁ ସିଦ୍ଧ ହୁଏ ଯେ ଜୀବ ଏକ ପୃଥକ୍ ପଦାର୍ଥ ଯିଏ ଶରୀରରେ ରହିବା ଦ୍ୱାରା ଦେହରେ ଚେତନତା ରହେ ଓ ଯାହାର ପ୍ରସ୍ଥାନରେ ଶରୀର ଚେତନାରହିତ ଅର୍ଥାତ୍ ଶବ ପାଲଟିଯାଏ ।

## ତେବେ ଫୁଟବଲ ନିର୍ଜୀବ କାହିଁକି ?

**୩.** ମୁସଲମାନ ତଥା ଖ୍ରୀଷ୍ଟିୟାନ ଲୋକେ କହନ୍ତି ଯେ ଖୁଦା ପ୍ରଥମେ ଆଦମ୍‌ର ଶରୀରକୁ ମାଟିରେ ନିର୍ମାଣ

କଲେ ଓ ତା’ ପରେ ସେଥିରେ ନିଜ ପ୍ରାଣବାୟୁ ବା ଆତ୍ମାକୁ ଫୁଙ୍କିଲେ (ପ୍ରବେଶ କରାଇଲେ) । ତାହାର ନାମ ଆଦମ୍ ହେଲା । ଏହା ପିଲାଳିଆ କଥା ଏବଂ ବିନା ବିଚାରରେ କହି ଦିଆଗଲା । ଯେତେବେଳେ ଶ୍ୱାସ-ପ୍ରଶ୍ୱାସ କ୍ରିୟାରେ ଆମେ ବାୟୁକୁ ବାହାରକୁ ଛାଡୁ ସେତେବେଳେ ବାୟୁ ବାହାରିଯାଏ, ଜୀବ ନୁହେଁ । ବାଇବେଲ ଓ କୋରାନ୍ ଲେଖକମାନେ ଏହି ବାୟୁକୁ ହିଁ ଜୀବ ବୋଲି ମନେକଲେ । ଯଦି ଖୁଦା (ଈଶ୍ୱର) ଆଦମ୍‌ଙ୍କର ଶରୀରରେ ପ୍ରାଣବାୟୁକୁ ପ୍ରବେଶ କରାଇଲେ, ତେବେ ବାୟୁ ତ ଏକ ଜଡ଼ ପଦାର୍ଥ ତଦ୍ଦ୍ୱାରା ଆଦମ୍ ଜୀବନ୍ତ କିପରି ହୋଇପାରିଥାନ୍ତା ? ପିଲାମାନେ ଫୁଙ୍କି-ଫୁଙ୍କି ଫୁଟବଲରେ ବାୟୁ ଭରିଦିଅନ୍ତି; କିନ୍ତୁ ତାହା ଚେତନ ହୋଇଯାଏ ନାହିଁ । ଯଦି କୁହାଯାଏ ଯେ ଈଶ୍ୱର ନିଜ ଆତ୍ମାର କିଛି ଅଂଶ ଆଦମଙ୍କର ଶରୀରରେ ପ୍ରବେଶ କରିଦେଲେ ତେବେ ଏହା ମଧ୍ୟ କୌଣସି ବୁଦ୍ଧିମତ୍ତାର କଥନ ନୁହେଁ; କାରଣ ପରମାତ୍ମା ଖଣ୍ଡ-ଖଣ୍ଡ ହୋଇପାରିବେ ନାହିଁ । ପରମାତ୍ମା ଓ ପରମାତ୍ମାଙ୍କ ଆତ୍ମା ଏହା ଦୁଇଟି ଅଲଗା ପଦାର୍ଥ ନୁହେଁ । ଈଶ୍ୱର ଖଣ୍ଡ-ଖଣ୍ଡ କିପରି ହୋଇପାରିବେ ? ଯଦି ଆଦମ୍ ଈଶ୍ୱରଙ୍କର ହିଁ ଅଂଶ ଥିଲେ ତେବେ ସେ ଈଶ୍ୱରଙ୍କ ପରି ପବିତ୍ର, ନିଷ୍ପାପ ଓ ସର୍ବଜ୍ଞ ହେବା ଉଚିତ ଥିଲା । ସେ ପୁଣି ପାପ କାହିଁକି କଲେ ?

## ସ୍ୱର୍ଗ-ନର୍କ କାହା ପାଇଁ ?

ଏହା ତ ହେଲା ଆଦମଙ୍କର ଆତ୍ମାର ବିଷୟ । କିନ୍ତୁ ସଂସାରରେ ହଜାରହଜାର ଶିଶୁ ପ୍ରତିଦିନ ଜନ୍ମ ନେଉଛନ୍ତି । ସେମାନଙ୍କର ଜୀବ କ’ଣ ଓ କେଉଁଠୁ ଆସିଲା ? କ’ଣ ବର୍ତ୍ତମାନ ବି ଈଶ୍ୱର (ଖୁଦା) ସେଭଳି ଫୁଙ୍କୁଛନ୍ତି ? ନା, ନିଜର ଆତ୍ମାକୁ ଖଣ୍ଡ-ଖଣ୍ଡ କରି ଦେଇଚାଲିଛନ୍ତି ? ଯଦି ଆମେ ସବୁ ଈଶ୍ୱରଙ୍କର ଆତ୍ମାର ଅଂଶ ଅଟୁ ତେବେ ଆମ ଠାରେ ଈଶ୍ୱରଙ୍କ ପରି ଗୁଣ କାହିଁକି ନାହିଁ ? ସୁନାର ଅତି ଛୋଟ ଖଣ୍ଡଟିରେ ବି ସୁନାର ଗୁଣ ଅବଶ୍ୟ ରହିଥାଏ । ତେବେ କେଉଁ କାରଣରୁ ପ୍ରତ୍ୟେକ ଜୀବଠାରେ ଈଶ୍ୱରଙ୍କ ଗୁଣ ନାହିଁ ? ପୁଣି କୁହାଯାଏ ଯେ ଈଶ୍ୱର ଏହି ଜୀବ-ଗଣଙ୍କୁ ନିଜ-ନିଜ କର୍ମାନୁସାରେ ନର୍କ ବା ସ୍ୱର୍ଗ ଦେବେ । ତେବେ ସେ କ’ଣ ନିଜର ଖଣ୍ଡଗୁଡ଼ିକୁ ହିଁ ସ୍ୱର୍ଗ ବା ନର୍କ ଭୋଗ ଦେବେ ? ଯଦି ପ୍ରତ୍ୟହ ନୂଆ-ନୂଆ ଶରୀରରେ ଈଶ୍ୱର ନିଜର କିଛି ଅଂଶକୁ ପଠାନ୍ତି, ତେବେ ଈଶ୍ୱରଙ୍କର ଅନେକ ଅଂଶ ତାଙ୍କ ଠାରୁ ଅଲଗା ହୋଇଯିବା କାରଣରୁ ସେ ପୂର୍ଣ୍ଣ ହୋଇ ରହିପାରିବେ ନାହିଁ । ଯଦି କୁହାଯାଏ ଯେ ଈଶ୍ୱର ଖଣ୍ଡ ହୁଅନ୍ତି ନାହିଁ, ଯେଉଁପରି ସୂର୍ଯ୍ୟକିରଣ କାଚ ଉପରେ ପଡ଼ି ତାକୁ ଦୀପ୍ତିମାନ କରେ ସେହିପରି ଈଶ୍ୱର ନିଜର ମହାନତା ହେତୁ ଶରୀରକୁ ଚେତନ କରିଦିଅନ୍ତି; ତେବେ ଏହା ବି ଠିକ୍ ନୁହେଁ । ସୂର୍ଯ୍ୟଙ୍କ କିରଣ ସୂର୍ଯ୍ୟଙ୍କ ଠାରୁ ବାହାରି କାଚ ପର୍ଯ୍ୟନ୍ତ ଆସେ । ଏହିପରି ଈଶ୍ୱରଙ୍କ ଚେତନତା ଈଶ୍ୱରଙ୍କୁ ଛାଡ଼ି ଶରୀର ପର୍ଯ୍ୟନ୍ତ ଆସିପାରିବ ନାହିଁ । ଯଦି କୁହାଯାଏ ଯେ ଈଶ୍ୱର ସର୍ବବ୍ୟାପକ ଅଟନ୍ତି; ତେଣୁ ଶରୀରରେ ବି ଅଛନ୍ତି, ଅତଃ ଶରୀରକୁ ଚେତନ କରିଦିଅନ୍ତି । ତେବେ ଏହି ତର୍କ ଅନୁସାରେ ସମସ୍ତ ବସ୍ତୁ ଚେତନ ହେବା ଉଚିତ ଥିଲା । କିନ୍ତୁ ଏପରି ବି ଦେଖାଯାଉ ନାହିଁ । ସୂର୍ଯ୍ୟଙ୍କ କିରଣ ପରି ଯଦି ଜୀବ ଈଶ୍ୱରଙ୍କ କିରଣ ପରି ଅଟେ ତେବେ ପୁଣ୍ୟ-ପାପ, ସ୍ୱର୍ଗ-ନର୍କ ଅନାବଶ୍ୟକ ହୋଇଯାଏ । ଈଶ୍ୱର ନିଜର ହିଁ କିରଣକୁ ଦଣ୍ଡ ଦେଇପାରିବେ ନାହିଁ । ଏହାର ଆବଶ୍ୟକତା ମଧ୍ୟ ନାହିଁ ।

ଯଦି କୁହାଯାଏ ଯେ ଆମେ ସବୁ ଆଦମ୍‌ଙ୍କ ଆତ୍ମାର ଖଣ୍ଡ, ତେବେ ତାହା ବି ଠିକ୍ ନୁହେଁ । କାରଣ ଆଦମ୍ କେତେ ଖଣ୍ଡ ହେବେ ? ଏହିଭଳି ଖଣ୍ଡ-ଖଣ୍ଡ ହୋଇଚାଲିଲେ ତ ଆଦମ୍‌ଙ୍କର ଚିହ୍ନ-ବର୍ଣ୍ଣ ବି ଆଉ ରହିବ ନାହିଁ । ଦ୍ୱିତୀୟତଃ, ଆମ ପାଖରେ ଆଦମ୍ କିମ୍ବା ଆମ ବାପା-ଜେଜେବାପାଙ୍କ ଜୀବନର କୌଣସି ସ୍ମୃତି ନାହିଁ

କାହିଁକି ? ଯଦି ଆମମାନଙ୍କ ଜୀବ ଆଦମ୍‌ଙ୍କ ଜୀବ ଠାରୁ ଭିନ୍ନ, ତେବେ ଏମାନେ କିପରି ଉତ୍ପନ୍ନ ହେଲେ ଏବଂ ଏମାନଙ୍କୁ ଆଦମଙ୍କର କର୍ମର ଦଣ୍ଡ କାହିଁକି ଭୋଗ କରିବାକୁ ପଡ଼ିଲା ? ଏ ସବୁ ପ୍ରଶ୍ନର କୌଣସି ଉତ୍ତର ମିଳିବ ନାହିଁ । କାରଣ ଜୀବର ଉତ୍ପତ୍ତି ସମ୍ବନ୍ଧରେ ଯେଉଁ ବିଧି ଖ୍ରୀଷ୍ଟିୟାନ ଏବଂ ମୁସଲମାନ ଲୋକେ ସ୍ୱୀକାର କରନ୍ତି ତାହା ସମ୍ପୂର୍ଣ୍ଣ କପୋଳକଳ୍ପିତ । ଏଥିରେ କୌଣସି ଯଥାର୍ଥତା ନାହିଁ ।

**୪.** କିଛି ଲୋକଙ୍କର ଧାରଣା ଯେ ଈଶ୍ୱର ବା ବ୍ରହ୍ମ ହିଁ ମାୟାବଶ ହୋଇ ଜୀବ ହୋଇଯାଆନ୍ତି । ଯେଉଁପରି ଅନେକ ଜଳପାତ୍ରରେ ସୂର୍ଯ୍ୟଙ୍କର ପ୍ରତିବିମ୍ବ ପଡ଼ି ଅନେକ ସୂର୍ଯ୍ୟ ଥିବା ଭଳି ଦେଖାଯାଏ, ସେହିପରି ବ୍ରହ୍ମଙ୍କର ପ୍ରତିବିମ୍ବ ଅନ୍ତଃକରଣରେ ପଡ଼ିବା ଦ୍ୱାରା ଅନ୍ତଃକରଣ ଚେତନ ହୋଇଯାଏ ।

ଏହା ତ ବଡ଼ ଭୟଙ୍କର ଭୁଲ୍ । କାରଣ ପ୍ରଥମ କଥା ତ ସର୍ବବ୍ୟାପକ ବ୍ରହ୍ମଙ୍କର ପ୍ରତିବିମ୍ବ ଅନ୍ତଃକରଣରେ ପଡ଼ିପାରିବ ନାହିଁ । ଯେହେତୁ କି ଦୂରରେ ଥିବା ବସ୍ତୁର ପ୍ରତିବିମ୍ବ ସୃଷ୍ଟି ହୋଇଥାଏ । ଦ୍ୱିତୀୟତଃ, ଯେଉଁମାନେ ଏହା ମାନନ୍ତି ଯେ **'ଏକଂ ବ୍ରହ୍ମ ଦ୍ୱିତୀୟଂ ନାସ୍ତି'** ଅର୍ଥାତ୍ ବ୍ରହ୍ମ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ହିଁ ନାହିଁ, ସେମାନେ ବୁଝାଇବା ଦରକାର ଯେ ଅନ୍ତଃକରଣ ମାନେ କ'ଣ ? ଏହା ବ୍ରହ୍ମଙ୍କ ଠାରୁ ଭିନ୍ନ ସତ୍ତା ନା ବ୍ରହ୍ମଙ୍କର ଛାୟା ମାତ୍ର ଅଥବା ବ୍ରହ୍ମଙ୍କର ହିଁ କୌଣସି ରୂପ ? ଛାୟା ଉପରେ ପୁଣି କିପରି ଛାୟା ପଡ଼ିବ ଏବଂ ଛାୟାକୁ ପାପ-ପୁଣ୍ୟ କିପରି ଲାଗିବ ?

## ଭ୍ରମର କାରଣ

ଯଦି କୁହାଯାଏ ଯେ ବସ୍ତୁତଃ ଆମେ ବ୍ରହ୍ମ; କିନ୍ତୁ ଭ୍ରମ କାରଣରୁ ନିଜକୁ ପରିମିତ ଜୀବ ବୋଲି ବିଚାର କରୁ, ଯେପରିକି ସ୍ୱପ୍ନରେ ରାଜା ନିଜକୁ ଦରିଦ୍ର ମନେକରନ୍ତି ବା ଅନ୍ଧକାରରେ ପଡ଼ିଥିବା ରଶିକୁ ଦେଖି ଆମେ ସାପ ବୋଲି ବିଚାରିଥାଉ । ତେବେ ଏହି ଉକ୍ତି ବି ସତ୍ୟ ନୁହେଁ । କାରଣ ଯଦି ବ୍ରହ୍ମ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ହିଁ ନାହିଁ ତେବେ ବ୍ରହ୍ମଙ୍କୁ ସ୍ୱପ୍ନ ଦେଖାଯିବା, ଭ୍ରମ ହେବା କିମ୍ବା ସେ ଅଜ୍ଞାନର ଶିକାର ହେବାର କାରଣ କ'ଣ ? ଏଥିରୁ ଜଣାଯାଏ ଯେ ଜୀବ କେବେ ବି ବ୍ରହ୍ମ ନ ଥିଲା, ବର୍ତ୍ତମାନ ବି ନାହିଁ କି ଭବିଷ୍ୟତରେ ମଧ୍ୟ ହେବ ନାହିଁ ।

ବର୍ତ୍ତମାନ ପ୍ରଶ୍ନ ଉଠେ ଯେ ତେବେ ଜୀବର ସ୍ୱରୂପ କ'ଣ ? କେତେକ ଲୋକ କହିଥାନ୍ତି ଯେ ଜୀବ ବିଷୟ ଏକ ଜଟିଳ ସମସ୍ୟା ଯାହା ବୁଝି ହୁଏ ନାହିଁ । ଅନେକ ଖ୍ରୀଷ୍ଟିୟାନ ପାଦ୍ରୀ ଏପରି କହୁଥିବା ଆମେ ଶୁଣିଛୁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମେ ଜୀବ ସମ୍ବନ୍ଧରେ ସେହିପରି ଓ ସେତିକି ଜାଣିପାରିବା ନାହିଁ, ଯେତିକି କୌଣସି ଫଳ ବା ବୃକ୍ଷ ସମ୍ବନ୍ଧରେ ଜାଣିପାରିବା । କିନ୍ତୁ କେବଳ ଜଟିଳ ବା ଗୂଢ଼ ସମସ୍ୟା ବୋଲି କହିଦେଲେ ତ କାମ ତୁଟିଯିବନି । ଯେଉଁ ପାଦ୍ରୀମାନେ ଜୀବକୁ ଗୂଢ଼ ସମସ୍ୟା କହି ଏହି ବିଷୟକୁ ଏଡ଼ାଇଯିବାକୁ ଚାହାନ୍ତି, ସେମାନେ 'ପିତା, ପୁତ୍ର ଓ ପବିତ୍ର ଆତ୍ମା'ର ଉପଦେଶ କାହିଁକି ଦିଅନ୍ତି ? ଏବଂ ଅନ୍ୟ ଲୋକଙ୍କର ଧାର୍ମିକ ବିଚାରକୁ ଖଣ୍ଡନ ବା ସମାଲୋଚନା କରିବାର କେଉଁ ଅଧିକାର ସେମାନଙ୍କର ଅଛି ?

## ବ୍ୟବହାର ଉପରେ ବିଚାରର ପ୍ରଭାବ

ଯେତେବେଳ ପର୍ଯ୍ୟନ୍ତ ଆମେ ଜାଣିନାହେଁ ଯେ ଆମେ କ'ଣ, ସେତେବେଳ ପର୍ଯ୍ୟନ୍ତ ଆମେ ଆମର କର୍ତ୍ତବ୍ୟକୁ କିପରି ନିଶ୍ଚିତ କରିପାରିବା ? ଯଦି କର୍ତ୍ତବ୍ୟ ନିଶ୍ଚିତ ନୁହେଁ, ତେବେ ପାପ ଓ ପୁଣ୍ୟର ବ୍ୟବସ୍ଥା କିପରି ହେବ ? ବସ୍ତୁତଃ କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଧର୍ମ-ଅଧର୍ମ, ପାପ-ପୁଣ୍ୟ ଏ ସବୁ ବିଷୟରେ ଲୋକଙ୍କ ମଧ୍ୟରେ

ଏଥିପାଇଁ ମତଭେଦ ରହିଛି ଯେହେତୁ ସେମାନଙ୍କ ମଧ୍ୟରେ ଜୀବର ଅସ୍ତିତ୍ୱ ଓ ତା'ର ଗୁଣ ସମ୍ବନ୍ଧରେ ଏକାଭଳି ବିଚାର ନାହିଁ । କିଛି ଲୋକ ତ ଏହା କହିବା ଆରମ୍ଭ କଲେଣି ଯେ ଏହି ଝଗଡ଼ାରୁ କ'ଣ ମିଳିବ । ନିଜନିଜ କର୍ତ୍ତବ୍ୟ କରିଚାଲ । କିନ୍ତୁ ସେମାନେ ଏହା ଜାଣନ୍ତି ନାହିଁ ଯେ ଯେତେବେଳ ପର୍ଯ୍ୟନ୍ତ କର୍ତ୍ତବ୍ୟ ଜ୍ଞାତ ହୋଇ ନାହିଁ, ସେତେବେଳ ପର୍ଯ୍ୟନ୍ତ ତାହାର ପାଳନ କିପରି ହୋଇପାରିବ ? ଜଣେ ଲୋକ ଗାଈ ବା ଛେଳିକୁ ହତ୍ୟା କରିବା କାର୍ଯ୍ୟକୁ ପାପ ବୋଲି ମାନେ ନାହିଁ, ଅନ୍ୟ ଜଣେ ମାନିଥାଏ । ଏହାର କାରଣ କ'ଣ ? ଏହାର ମୁଖ୍ୟ କାରଣ ଏହା ଯେ ଜଣେ ବୁଝିଥାଏ ଗାଈ ଓ ଛେଳିଙ୍କ ଭିତରେ ଜୀବ ନାହିଁ ଏବଂ କେବଳ ମନୁଷ୍ୟ ଠାରେ ଜୀବ ରହିଛି । ପୁଣି ଯେଉଁ ମନୁଷ୍ୟ ବିଶ୍ୱାସ କରେ ଯେ ମନୁଷ୍ୟର ମୃତ୍ୟୁ ପରେ ତା'ର ଆତ୍ମା ବି ମରିଯାଏ ଓ ପରଲୋକ ବୋଲି କିଛି ନାହିଁ ସେ ଋଣ କରି ଭୋଗବିଳାସରେ ଦିନ ବିତାଇବାକୁ ବି ପାପ ବୋଲି ବିଚାର କରେ ନାହିଁ । କିନ୍ତୁ ଯିଏ ବୁଝିଯାଏ ଯେ ମୃତ୍ୟୁ ପରେ ବି ମୁଁ ରହିବି, ମୋର ବିନାଶ ନାହିଁ, ମୁଁ ଅମର, ସେ ପାପ ଓ ପୁଣ୍ୟର ବିଚାର ନିଶ୍ଚୟ କରିବ ।

## ତିନୋଟିର ଅସ୍ତିତ୍ୱ ସିଦ୍ଧ

ଏଣୁ ଜୀବର ଅସ୍ତିତ୍ୱ ଉପରେ ବିଚାର ଅବଶ୍ୟ କରିବା ଉଚିତ । ଆମେ ଏଠାରେ ଏକ ସ୍ୱଷ୍ଟ ଦୃଷ୍ଟାନ୍ତ ଦେଉଛୁ । ଯେତେବେଳେ ମନୁଷ୍ୟ ମୃତ୍ୟୁର ନିକଟତର ହୁଏ ସେତେବେଳେ ସେ ନିଜର ଶରୀରକୁ ଛାଡ଼ିଯିବାକୁ ଚାହେଁ ନାହିଁ । କିନ୍ତୁ ତାକୁ ଏହା ଅନୁଭବ ହୁଏ ଯେ କୌଣସି ମହାନ୍ ଶକ୍ତି, ଯାହା ଉପରେ ମୋର ନିୟନ୍ତ୍ରଣ ନାହିଁ, ସେ ମୋତେ ଏ ଶରୀରରୁ ବିଚ୍ଛିନ୍ନ କରୁଛି । ଏହି ଘଟଣାରୁ ତିନୋଟି ସ୍ୱତନ୍ତ୍ର (ଭିନ୍ନ-ଭିନ୍ନ) ପଦାର୍ଥ ସିଦ୍ଧ ହେଉଛନ୍ତି—

**୧. ଜୀବ** – ଯାହାକୁ ଶରୀରଠାରୁ ଅନ୍ୟ ଦ୍ୱାରା ବିଚ୍ଛିନ୍ନ କରାଯାଏ ।

**୨. ଶରୀର** ବା ଅଚେତନ ଘର – ଯେଉଁଠାରୁ ଜୀବକୁ ବାହାର କରାଯାଏ ।

**୩.** ଏକ ମହାନ୍ ଶକ୍ତି ଅର୍ଥାତ୍ **ଈଶ୍ୱର** – ଯିଏ ଜୀବକୁ ଶରୀରରୁ ବାହାର କରନ୍ତି ।

ବସ୍ତୁତଃ ଜୀବ ଏପରି ଏକ ପଦାର୍ଥ ଯାହାର ନା କେବେ ଉତ୍ପତ୍ତି ହୋଇଛି ନା କେବେ ବିନାଶ ହେବ । ଏହା ଅନାଦି ବି ଏବଂ ଅନନ୍ତ ମଧ୍ୟ । ଏହାର ଛଅଟି ଲିଙ୍ଗ ବା ଚିହ୍ନ ରହିଛି; ଯଥା —

୧. ସୁଖ, ୨. ଦୁଃଖ, ୩. ଇଚ୍ଛା, ୪. ଦ୍ୱେଷ, ୫. ପ୍ରଯତ୍ନ, ଓ ୬. ଜ୍ଞାନ ।

## ଶରୀର ତିଆରି ହୋଇଛି, ମୁଁ ତିଆରି ହୋଇନାହିଁ

ଜୀବ ଈଶ୍ୱରଙ୍କ ପରି ସର୍ବଦେଶୀ କି ସର୍ବଜ୍ଞ ନୁହେଁ । ସେ ଏକଦେଶୀ ଓ ଅଳ୍ପଜ୍ଞ । ତାହାକୁ ଈଶ୍ୱର ସୃଷ୍ଟି କରିନାହାନ୍ତି । ହଁ, ସେ ଜୀବକୁ ତା'ର କର୍ମାନୁସାରେ ଭିନ୍ନ-ଭିନ୍ନ ଶରୀର ଅବଶ୍ୟ ଦେଇଥାନ୍ତି । ଯେତେବେଳେ ଆମେ କହୁ ଯେ 'ମୁଁ ଜନ୍ମ ହେଲି' ସେତେବେଳେ ଏହାର ଅର୍ଥ ହେଉଛି କି ଜୀବକୁ ଏକ ବିଶେଷ ଶରୀର ମିଳିଲା । ଏହିପରି ଭାବେ ଶରୀରରୁ ଜୀବ ବାହାରି ଯିବାକୁ ମୃତ୍ୟୁ କହନ୍ତି । ଗୀତାରେ ଠିକ୍ କୁହାଯାଇଛି —

**ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।**
**ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ॥** (ଗୀତା. ୨:୧୨)

ଏପରି କୌଣସି ସମୟ ନ ଥିଲା ଯେତେବେଳେ ମୁଁ ନ ଥିଲି ବା ତୁମେ ନଥିଲ କିମ୍ବା ଏମାନେ ନ ଥିଲେ ଏବଂ ଏପରି ସମୟ କେବେ ଆସିବ ନାହିଁ

ଯେତେବେଳେ ଆମେ କେହି ନ ଥିବା ।

**ଦେହିନୋଽସ୍ମିନ୍ୟଥା ଦେହେ କୌମାରଂ ଯୌବନଂ ଜରା ।**

**ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ॥**

(ଗୀତା. ୨:୧୩)

ଯେପରି ଏହି ଶରୀରରେ ଜୀବ ବାଲ୍ୟାବସ୍ଥା, ଯୌବନ ଓ ବାର୍ଦ୍ଧକ୍ୟର ଅନୁଭବ କରିଥାଏ, ସେହିପରି ଅନ୍ୟ ଶରୀରକୁ ମଧ୍ୟ ଚାଲିଯାଏ । ବୁଦ୍ଧିମାନ୍ ଲୋକ ଏଥିପାଇଁ ଶୋକ କରନ୍ତି ନାହିଁ ।

**ବାସାଂସି ଜୀର୍ଣ୍ଣାନି ଯଥା ବିହାୟ,**
**ନବାନି ଗୃହ୍ଣାତି ନରୋଽପରାଣି ।**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟ-**
**ନ୍ୟାନି ସଂୟାତି ନବାନି ଦେହୀ ॥**

(ଗୀତା. ୨:୨୨)

ମନୁଷ୍ୟ ଯେପରି ପୁରୁଣା ଜୀର୍ଣ୍ଣ ବସ୍ତ୍ରକୁ ତ୍ୟାଗ କରି ନୂତନ ବସ୍ତ୍ର ଧାରଣ କରିଥାଏ, ସେହିପରି ଜୀବ ଗୋଟିଏ ଶରୀରକୁ ତ୍ୟାଗ କରି ଅନ୍ୟ ନୂତନ ଶରୀର ଧାରଣ କରିଥାଏ ।

**ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।**

**ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥** (ଗୀତା. ୨:୨୩)

ଜୀବକୁ ନା ଶସ୍ତ୍ର କାଟିପାରେ, ନା ଅଗ୍ନି ଜଳାଇ ପାରେ, ନା ପାଣି ଭିଜାଇ ପାରେ, ନା ପବନ ଶୁଖାଇପାରେ ।

କଠୋପନିଷଦରେ କୁହାଯାଇଛି —

**ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବ ତୁ ।** (କଠ. ୩:୩:୩)

ଜୀବ ରଥୀ(ଆରୋହୀ) ହେଲେ ଶରୀର ତା'ର ରଥ (ଯାନ) ସ୍ୱରୂପ ।

ଉପରୋକ୍ତ ପ୍ରମାଣଗୁଡ଼ିକରୁ ସିଦ୍ଧ ହୁଏ ଯେ ଜୀବ ଏକ ସ୍ୱତନ୍ତ୍ର ସତ୍ତା, ଯିଏ ଅଜର, ଅମର, ନିତ୍ୟ ତଥା ଅନାଦି । ଜୀବ ଏକ ନୁହେଁ, ବରଂ ଅସଂଖ୍ୟ । ଜୀବତ୍ୱର ବିଚାର ଦୃଷ୍ଟିରୁ ସମସ୍ତଙ୍କର ଜାତି ଏକ, କିନ୍ତୁ ବ୍ୟକ୍ତି ଅନେକ ।

## ସର୍ବଶକ୍ତିମାନ୍ ହେତୁ ଈଶ୍ୱର ବ୍ୟବସ୍ଥାପକ

ଈଶ୍ୱର ଜୀବଗଣଙ୍କୁ ଉତ୍ପନ୍ନ କରିନାହାନ୍ତି; କିନ୍ତୁ ସେ ସେମାନଙ୍କ ଉପରେ ନିଜର ଆଧିପତ୍ୟ ରଖନ୍ତି, ଅର୍ଥାତ୍ ଜୀବମାନଙ୍କର କଲ୍ୟାଣ ପାଇଁ ଏହି ସୃଷ୍ଟିକୁ ନିୟମରେ ବାନ୍ଧି ରଖନ୍ତି । ଜୀବମାନଙ୍କୁ ଶରୀର ଦିଅନ୍ତି, ସେମାନଙ୍କର କଲ୍ୟାଣ ପାଇଁ ସୃଷ୍ଟିରେ ଅନେକ ପଦାର୍ଥ ତିଆରି କରନ୍ତି, କର୍ମ ଓ ଫଳର ବ୍ୟବସ୍ଥା କରନ୍ତି । ଏଣୁ ଆମେ ଈଶ୍ୱରଙ୍କୁ ପିତା ବୋଲି ସମ୍ବୋଧନ କରୁ । କେତେକ ଲୋକ ଆକ୍ଷେପ କରନ୍ତି ଯେ ଈଶ୍ୱର ଜୀବମାନଙ୍କୁ ନିର୍ମାଣ ତ କରିନାହାନ୍ତି, ସେ ସେମାନଙ୍କ ଉପରେ ଆଧିପତ୍ୟ କିପରି କରିପାରନ୍ତି ? କିନ୍ତୁ ସେମାନେ ଏହା ଜାଣନ୍ତି ନାହିଁ ଯେ ଆଧିପତ୍ୟ ବା ଶାସନ କରିବା ପାଇଁ ନିର୍ମାଣ କରିବା ଜରୁରୀ ନୁହେଁ । ରାଜା ପ୍ରଜାଙ୍କୁ ନିର୍ମାଣ କରନ୍ତି ନାହିଁ, କିନ୍ତୁ ସେମାନଙ୍କ ଉପରେ ଆଧିପତ୍ୟ ରଖନ୍ତି । ଅଶ୍ୱାରୋହୀ ଘୋଡ଼ାକୁ ତିଆରି କରେ ନାହିଁ, କିନ୍ତୁ ତାହାକୁ ଶାସନ କରେ । ସେନାପତି ସେନାକୁ ତିଆରି କରନ୍ତି ନାହିଁ, କିନ୍ତୁ ସେମାନଙ୍କୁ ନିୟମରେ ବାନ୍ଧି ରଖନ୍ତି । ଆଧିପତ୍ୟ ପାଇଁ ନିର୍ମାଣ କରିବା ଜରୁରୀ ନୁହେଁ । ହଁ, ଶକ୍ତି ଅବଶ୍ୟ ଆବଶ୍ୟକ । ଈଶ୍ୱର ସର୍ବଶକ୍ତିମାନ୍ ହୋଇଥିବାରୁ ସମସ୍ତ ଜୀବଙ୍କୁ ନିଜର ନିୟମରେ ବାନ୍ଧିରଖନ୍ତି । କିଛି ଲୋକ କହନ୍ତି ଯେ ଜୀବ ଅନାଦି ନୁହେଁ; କିନ୍ତୁ ଅନନ୍ତ, ଅର୍ଥାତ୍ ଜୀବ ଜନ୍ମ ତ ହୁଏ; କିନ୍ତୁ କଦାପି ନଷ୍ଟ ହୁଏ ନାହିଁ । କିନ୍ତୁ

ସେମାନେ ଏହି କଥାକୁ ଭୁଲିଯାଆନ୍ତି ଯେ ସଂସାରରେ ଗୋଟିଏ କୂଳ ଥିବା ନଦୀ ଦେଖିବାକୁ ମିଳେ ନାହିଁ । ଯାହାର ଆଦି ରହିଛି ତା'ର ଅନ୍ତ ଅବଶ୍ୟ ରହିଛି ।

ଯଦି ଜୀବ ଈଶ୍ୱରଙ୍କ ଠାରୁ ଉତ୍ପନ୍ନ ହେବା କଥାକୁ ସ୍ୱୀକାର କରାଯାଏ, ତେବେ ଏପରି ଅନେକ ପ୍ରଶ୍ନ ଉଠେ ଯାହାର କୌଣସି ସନ୍ତୋଷଜନକ ଉତ୍ତର ମିଳେ ନାହିଁ ଅର୍ଥାତ୍ ଈଶ୍ୱର ଜୀବଗଣଙ୍କୁ କାହିଁକି ଉତ୍ପନ୍ନ କଲେ ଏବଂ ସେମାନଙ୍କୁ ସୁଖ-ଦୁଃଖ ଓ ପାପ-ପୁଣ୍ୟ ଝମେଲାରେ କାହିଁକି ପକାଇଲେ ? ଦ୍ୱିତୀୟ ପ୍ରଶ୍ନ ଉଠେ ଯେ, ଯେଉଁ ବସ୍ତୁ ସଂଯୁକ୍ତ ପଦାର୍ଥ ତାହା ଅନ୍ୟ ବସ୍ତୁ ଦ୍ୱାରା ନିର୍ମିତ ହୋଇପାରେ । ଅସଂଯୁକ୍ତ ପଦାର୍ଥକୁ ତିଆରି ହୋଇଛି ବୋଲି କହିବା ସ୍ୱ-ମତ ବିରୋଧୀ ଉକ୍ତି ଅଟେ ।

ବସ୍ତୁତଃ ଜୀବ ଅଜର ଓ ଅମର । ଏହା ଏକ ଚେତନ ସତ୍ତା ଯାହାର ଜ୍ଞାନର ହ୍ରାସ-ବୃଦ୍ଧି ଘଟୁଥାଏ ଏବଂ ଜ୍ଞାନର ହ୍ରାସ-ବୃଦ୍ଧି ହିଁ ପାପ ଓ ପୁଣ୍ୟ ତଥା ଉନ୍ନତି ଓ ଅବନତିର କାରଣ ଅଟେ ।

ଭାଷାନ୍ତର

**ପଦ୍ମନାଭ ସ୍ୱାଇଁ**

❖❖❖

୨୮ ପୃଷ୍ଠାର ଅବଶିଷ୍ଟାଂଶ

ଆଉ ଯେତେବେଳେ ସ୍ୱ-ସ୍ୱ ଦାୟିତ୍ୱରେ ଥିବା ଜୀବାତ୍ମାଙ୍କୁ ନେବା ପାଇଁ ଧାଁ-ଧପଡ଼ କରୁଥିବେ, ସେତେବେଳେ ସେମାନଙ୍କର ଶରୀର ପରସ୍ପର ସହ ଧକ୍କା ଖାଉଥିବ । ତେବେ ତ ପାହାଡ଼ର ସୁଉଚ୍ଚ ଶିଖର ସ୍ଖଳିତ ହୋଇ ଯେମିତି ଭୂଇଁରେ ପଡ଼େ, ସେମିତି ଯମଦୂତମାନଙ୍କ ଶରୀରର ବଡ଼-ବଡ଼ ଅବୟବମାନ ଗରୁଡ଼ପୁରାଣର ବକ୍ତା-ଶ୍ରୋତାଙ୍କ ଅଗଣାରେ ଖସି-ଖସି ପଡ଼ିବ ତ ସେମାନେ ଦବି ମରିବେ କିମ୍ବା ଘର ଦ୍ୱାର, ବା ରାସ୍ତା ଅବରୁଦ୍ଧ ହୋଇଯିବ ତ ସେମାନେ କେମିତି ବାହାରିବେ ଓ ଚଳ-ପ୍ରଚଳ ହୋଇପାରିବେ ?

**ମୃତ୍ୟୁ ପରେ କରାଯାଉଥିବା ଶ୍ରାଦ୍ଧ, ତର୍ପଣ, ପିଣ୍ଡଦାନର ସାମଗ୍ରୀ ମୃତ ଜୀବମାନଙ୍କ ନିକଟରେ ତ ପହଞ୍ଚେ ନାହିଁ; କିନ୍ତୁ ମୃତକଙ୍କ ପ୍ରତିନିଧି ପୋପ୍ ମହାଶୟଙ୍କ ଘର, ଉଦର ଓ ହାତରେ ପହଞ୍ଚିଯାଏ । ବୈତରଣୀ ପାର ପାଇଁ ଯେଉଁ ଗୋଦାନ ନିଅନ୍ତି, ତାହା ତ ପୋପ୍‌ଙ୍କ ଘରେ ନତୁବା କଂସେଇଖାନାରେ ପହଞ୍ଚିଯାଏ ।** ବୈତରଣୀ ନଦୀ ପାଖକୁ ତ ଗାଇ ଯାଏ ନାହିଁ, ପୁଣି ମୃତାତ୍ମା କାହା ଲାଞ୍ଜ ଧରି ପାରି ହେବ ? ତା'ଛଡ଼ା ମୃତ ବ୍ୟକ୍ତିର ହାତ ତ ଏଠାରେ ଜଳାଇ ବା ପୋତି ଦିଆଯାଇଛି, ସେ ପୁଣି ଗାଇ ଲାଞ୍ଜ କିପରି ଧରିବ ? ବୈତରଣୀ ପାର ପାଇଁ ଗୋଦାନର ଗୋଟିଏ ଦୃଷ୍ଟାନ୍ତ ଏଠାରେ ଅବତାରଣା କରାଯାଉଛି —

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**କ୍ରମଶଃ...**

ଆତ୍ମୀୟ ନିବେଦନ:

# ବେଦଧାମ ସଂକଳ୍ପନା

ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ଅଭ୍ୟୁଦୟ ଓ ନିଃଶ୍ରେୟସର ପ୍ରାପ୍ତି । ଏଥିପାଇଁ ପରମକାରୁଣିକ ପରମପିତା ପରମାତ୍ମାଙ୍କ ପ୍ରଦତ୍ତ ବେଦପଥ ହିଁ ଏକମାତ୍ର ଓ ସର୍ବଶ୍ରେଷ୍ଠ ଅବଲମ୍ବନ । ଅତଃ ଜୀବନରେ ଶାଶ୍ୱତ ସୁଖ-ଶାନ୍ତି- ଆନନ୍ଦର ଉପଲବ୍ଧି ନିମନ୍ତେ ଅମୃତର ସନ୍ତାନ ପ୍ରତ୍ୟକ ମଣିଷର ଆନ୍ତରିକ ଅଭିଳାଷ କ'ଣ ହେବା ଉଚିତ ସେ କଥା ବେଦବାଣୀରେ ଅଭିବ୍ୟକ୍ତ ହୋଇଛି— **'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ. ୧:୧:୪)— ହେ ପ୍ରଭୋ ! ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ । ଏହି ବୈଦିକ ସନ୍ଦେଶ-ନିର୍ଦ୍ଦେଶର ପରିପାଳନ ସକଶେ ବୈଦିକ ବିଚାରକୁ ସରଳ ଭାବେ ଓଡ଼ିଶାର ଘରେ-ଘରେ, ପୁରେ-ପୁରେ ପହଞ୍ଚାଇବା ଉଦ୍ଦେଶ୍ୟରେ ୨୦୦୪ରେ ଶ୍ରୁତିନ୍ୟାସ ଗଠନ କରାଗଲା । ସେଥି ନିମନ୍ତେ ପ୍ରଥମେ ପ୍ରବଚନ କାର୍ଯ୍ୟ ସାଙ୍ଗକୁ ଛୋଟ-ଛୋଟ ପୁସ୍ତକ ପ୍ରକାଶନ ଦିଗରେ ଧ୍ୟାନ କେନ୍ଦ୍ରିତ କରାଗଲା । ଇତିମଧ୍ୟରେ ଶ୍ରୁତିନ୍ୟାସର ପ୍ରକାଶନ ବିଭାଗ **'ବୈଦିକ ପ୍ରକାଶନ'** ପକ୍ଷରୁ ଅନେକ ପୁସ୍ତକ ପ୍ରକାଶିତ ହୋଇ ଜନସାଧାରଣଙ୍କ ମଧ୍ୟରେ ଆଦୃତି, ପାଠକୀୟ-ସ୍ୱୀକୃତି ଲାଭ କରିପାରିଛି । ତେଣୁ ଅଳ୍ପ କାଳ ମଧ୍ୟରେ **'ବୈଦିକ ପ୍ରକାଶନ'** ପକ୍ଷରୁ ପ୍ରକାଶିତ ପୁସ୍ତକର ଯେତେ ଅଧିକ ସଂସ୍କରଣ ବାହାରିଛି ଓ ଯେତେ ଅଧିକ ସଂଖ୍ୟକ ପୁସ୍ତକ ପ୍ରକାଶିତ ହୋଇଛି ସମ୍ଭବତଃ ଓଡ଼ିଶାର ଅନ୍ୟ କୌଣସି ବୈଦିକ ପୁସ୍ତକ ପ୍ରକାଶନୀ ସଂସ୍ଥା ପକ୍ଷରୁ ସେଭଳି ହୋଇପାରିନାହିଁ । ଓଡ଼ିଶାର ବେଦପ୍ରେମୀ ଜନତା ନୂତନ ପୁସ୍ତକ ପାଇଁ ନିରନ୍ତର ପ୍ରେରଣା ଓ ସହଯୋଗ ପ୍ରଦାନ କରିଆସୁଛନ୍ତି । ବେଦପ୍ରେମୀଙ୍କ ଆଗ୍ରହ ଓ ସହଯୋଗର ଫଳସ୍ୱରୂପ ସତ୍ୟାର୍ଥପ୍ରକାଶର ପୂର୍ବାର୍ଦ୍ଧ ବୈଦିକ ପ୍ରକାଶନ ପକ୍ଷରୁ ପ୍ରକାଶିତ ହୋଇ ଏକ ବର୍ଷ ମଧ୍ୟରେ ସମାପ୍ତ ସ୍ଥିତିରେ ପହଞ୍ଚି ଯାଇଛି ।

ଓଡ଼ିଶାରେ ଆର୍ଯ୍ୟସମାଜର ଦୀର୍ଘ ବର୍ଷର ପ୍ରଚାର ମଧ୍ୟରେ ବେଦପ୍ରେମୀମାନେ ଏକ ସର୍ବାଙ୍ଗସୁନ୍ଦର ବୈଦିକ ପତ୍ରିକାର ଅଭାବ ଅନୁଭବ କରୁଥିଲେ । ଶୁଭେଚ୍ଛୁଙ୍କ ଅନୁରୋଧକ୍ରମେ ଶ୍ରୁତିନ୍ୟାସ ପକ୍ଷରୁ ଏହି କାର୍ଯ୍ୟ ହାତକୁ ନିଆଯାଇ **'ଶ୍ରୁତିସୌରଭ'**ର ପ୍ରକାଶନ ଆରମ୍ଭ କରାଗଲା । ଆମ ପାଇଁ ଗୌରବର ବିଷୟ ଯେ ଶ୍ରୁତିନ୍ୟାସର ସହଯୋଗୀ, ଶୁଭେଚ୍ଛୁ, ପ୍ରଶଂସକଙ୍କ ସାମୂହିକ ଉଦ୍ୟମ ଫଳରେ ମାତ୍ର ୩ ବର୍ଷ ମଧ୍ୟରେ ଏହି ପତ୍ରିକା ଆର୍ଯ୍ୟଜଗତରେ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ପ୍ରକାଶିତ ହେଉଥିବା ପତ୍ରିକା ମଧ୍ୟରେ ସଂଖ୍ୟାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ଅଗ୍ରିମ ପଂକ୍ତିରେ ରହିପାରିଛି ।

ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ ଆର୍ଯ୍ୟସମାଜଗୁଡ଼ିକ ପକ୍ଷରୁ ବାର୍ଷିକୋତ୍ସବର ପରମ୍ପରା ଉପରେ ମୁଖ୍ୟତଃ ଗୁରୁତ୍ୱାରୋପ କରାଯାଉଥିଲା । ଶ୍ରୁତିନ୍ୟାସ ପକ୍ଷରୁ ବିକଳ୍ପ ପ୍ରୟୋଗ ରୂପେ ୨୦୦୯ରୁ **'ଜୀବନ ନିର୍ମାଣ ଶିବିର'** ଆରମ୍ଭ କରାଗଲା । ଏହି ଶିବିରର ଉପଯୋଗିତା ଅନୁଭୂତ ହେବାରୁ ଏହା ଜନ ଆଦୃତି ଲାଭ କଲା । ଏହାର ସୁଖଦ ପରିଣାମସ୍ୱରୂପ ଏହି ଭଳି ଶିବିର ଓଡ଼ିଶାର ଆର୍ଯ୍ୟଜଗତରେ ଅନେକତ୍ର ବର୍ତ୍ତମାନ ଆୟୋଜିତ ହେଉଛି । ଏ ସବୁ ସତ୍ତ୍ୱେ ନ୍ୟାସ ପକ୍ଷରୁ ଆୟୋଜିତ ଶିବିରରେ କ୍ରମାଗତ ଭାବରେ ଶିବିରାର୍ଥୀଙ୍କ ସଂଖ୍ୟା ବଢ଼ିଚାଲିଛି । ଶିବିରର ଉପାଦେୟତାକୁ ଅନୁଭବ କରି ବିବିଧ ବର୍ଗର ଲୋକଙ୍କ ସକାଶେ ଭିନ୍ନ-ଭିନ୍ନ ଶିବିର ବର୍ଷର ଭିନ୍ନ-ଭିନ୍ନ ସମୟରେ ଆୟୋଜନ କରିବା ପାଇଁ ବେଦପ୍ରେମୀ ବନ୍ଧୁମାନେ ଦାବି କରୁଛନ୍ତି । ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ, କେନ୍ଦ୍ର ନଥିବାରୁ ଶିବିରାଦିର ଆୟୋଜନ ନିମନ୍ତେ ଶିବିର ଯୋଗ୍ୟ ସ୍ଥାନ ରୂପେ ଉତ୍ତମ ଆବାସିକ ବ୍ୟବସ୍ଥା ଥିବା ବିଦ୍ୟାଳୟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି । ତେଣୁ କେବଳ ବିଦ୍ୟାଳୟର ଅବକାଶ ଓ ସେମାନଙ୍କ ନିଜସ୍ୱ କାର୍ଯ୍ୟକ୍ରମ ନ ଥିବା ଅବସରରେ ହିଁ ଶିବିର ଆୟୋଜନ ସମ୍ଭବ ହୋଇପାରୁଛି ।

ଏ ସମସ୍ୟାର ସମାଧାନ ପାଇଁ ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ ନିର୍ମାଣ ପାଇଁ ବେଦପ୍ରେମୀ ଜନତା ଦୀର୍ଘ ବର୍ଷରୁ ଦାବି କରିଆସୁଛନ୍ତି।

ଦୂରଦର୍ଶନ ମାଧ୍ୟମରେ ବୈଦିକ ବିଚାରର ପ୍ରଚାର ଦ୍ୱାରା ସମାଜରେ ସୁଦୂରପ୍ରସାରୀ ଉତ୍ତମ ପ୍ରଭାବ ପଡ଼ିବ ବୋଲି ଅନୁଭବ କରାଯାଇ ଶ୍ରୁତିନ୍ୟାସ ପକ୍ଷରୁ ପ୍ରାର୍ଥନା ଚ୍ୟାନେଲ ସହ ଯୋଗାଯୋଗ କରାଯାଇ ୨୦୧୨ରେ **'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ'** ନାମକ ବୈଦିକ ସିଦ୍ଧାନ୍ତ ସମ୍ବଳିତ କାର୍ଯ୍ୟକ୍ରମ ନିୟମିତ ରୂପେ ପ୍ରସାରିତ କରାଗଲା। ଏହା ଦର୍ଶକଙ୍କ ଦ୍ୱାରା ଆଦୃତ ହେଲା। ତା'ର ସୁଖଦ ପରିଣାମ ସ୍ୱରୂପ କିଛି ମାସ ପରେ ୨୦୧୨ରେ ହିଁ ପ୍ରାର୍ଥନା ଚ୍ୟାନେଲ୍ ପକ୍ଷରୁ **'ସର୍ବେ ଭବନ୍ତୁ ସୁଖିନଃ'** କାର୍ଯ୍ୟକ୍ରମ ଆତ୍ମପ୍ରକାଶ କଲା ଓ ବର୍ତ୍ତମାନ ତାହା ନିୟମିତ ରୂପେ ଓ.ଟି.ଭି. ଦ୍ୱାରା ପରିବେଷିତ ହେଉଛି। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭ ସମୟରୁ ହିଁ ଆମେ ବୈଦିକ ସିଦ୍ଧାନ୍ତର ବାର୍ତ୍ତା ପରିବେଷଣ କରିଆସୁଛୁ। ଏହି କାର୍ଯ୍ୟକ୍ରମରେ ଆମର ବୈଦିକ ସିଦ୍ଧାନ୍ତ ସମ୍ବଳିତ ଚର୍ଚ୍ଚା ପ୍ରଭାବରେ ଓଡ଼ିଶାର ଘରେ-ଘରେ ବେଦ ଓ ବୈଦିକ ସିଦ୍ଧାନ୍ତ ପ୍ରତି ଅଭୂତପୂର୍ବ ଆଗ୍ରହ ପରିଲକ୍ଷିତ ହେଉଛି। ବୈଦିକ ସିଦ୍ଧାନ୍ତର ବିନ୍ଦୁ-ବିସର୍ଗ ଜାଣିନଥିବା ବହୁ ବ୍ୟକ୍ତି ବର୍ତ୍ତମାନ ନ୍ୟାସର ବ୍ୟବସ୍ଥା, ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଞ୍ଚାଳିତ ଆଶ୍ରମ ଆଦିରେ କିଛି-କିଛି ଦିନ ଅବସ୍ଥାନ କରି ବେଦ ବିଷୟକ ପ୍ରଶିକ୍ଷଣ ପ୍ରାପ୍ତ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଶ୍ରୁତିନ୍ୟାସ ପକ୍ଷରୁ କରାଯାଉଥିବା ଏଭଳି ବିବିଧ ସୃଜନାତ୍ମକ କାର୍ଯ୍ୟ ଦ୍ୱାରା ନ୍ୟାସ ଆର୍ଯ୍ୟଜଗତର ଆଶା-ବିଶ୍ୱାସ-ଭରସାର କେନ୍ଦ୍ର ପାଲଟିଯାଇଛି।

ଗୃହସ୍ଥଜୀବନ ପରେ ନିୟମିତ ସ୍ୱାଧ୍ୟାୟ-ସାଧନା-ସେବାରେ ସଂଲଗ୍ନ ରହି ତପସ୍ୟାମୟ ବାନପ୍ରସ୍ଥ ଜୀବନ ବ୍ୟତୀତ କରିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ସମୁଚିତ ବ୍ୟବସ୍ଥାଯୁକ୍ତ ଆଶ୍ରମ ଓଡ଼ିଶାରେ ଉପଲବ୍ଧ ନ ଥିବା କଥା ବହୁ ବେଦପ୍ରେମୀ ବାରମ୍ବାର ଆମକୁ କହିଆସୁଛନ୍ତି ତଥା ଏ କ୍ଷେତ୍ରରେ ଶ୍ରୁତିନ୍ୟାସ କିଛି ସୁଚିନ୍ତିତ କାର୍ଯ୍ୟଯୋଜନା ହାତକୁ ନେବା ପାଇଁ ବାରମ୍ବାର ଅନୁରୋଧ କରିଆସୁଛନ୍ତି। ତା' ସାଙ୍ଗକୁ ଏଭଳି ବ୍ୟକ୍ତିମାନଙ୍କର କହିବା କଥା ହେଲା ଯେ ପରିଣତ ବୟସର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଆଶ୍ରମ ସେଭଳି ସୁବିଧାଯୁକ୍ତ ହେବା ଆବଶ୍ୟକ ଏବଂ ପରିଣତ ବୟସରେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ଚିକିତ୍ସାର ସୁବ୍ୟବସ୍ଥା ଥିବା ନଗର ଠାରୁ ଅନତିଦୂରରେ ରହିବା ଉଚିତ ଯଦ୍ଦ୍ୱାରା ଅତି ଅଳ୍ପ ସମୟ ମଧ୍ୟରେ ସମୁଚିତ ଚିକିତ୍ସା ବ୍ୟବସ୍ଥା ପ୍ରାପ୍ତ କରାଯାଇ ପାରୁଥିବ। ଶ୍ରୁତିନ୍ୟାସର ଦୁର୍ବଳ ଆର୍ଥିକ ସ୍ଥିତି କାରଣରୁ ଆମେ ଦୂରରେ ଆଶ୍ରମ ସ୍ଥାପନ କରିବା ପାଇଁ ଅନେକ ସ୍ଥାନ ନିରୂପଣ କରିଥିଲୁ। କିନ୍ତୁ ସମସ୍ତ ସହଯୋଗୀ-ଶୁଭେଚ୍ଛୁ ଆଗ୍ରହ କଲେ ଯେ କଟକ-ଭୁବନେଶ୍ୱର ରାଜପଥର ୧୦-୧୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ସ୍ଥାନ କ୍ରୟ କରାଯାଉ। ଅତଃ ଶ୍ରୁତିନ୍ୟାସର ସମ୍ବଳର ଅଭାବ ସତ୍ତ୍ୱେ ବେଦପ୍ରେମୀ ଆର୍ଯ୍ୟଜନତାଙ୍କ ଆଗ୍ରହକୁ ଶିରୋଧାର୍ଯ୍ୟ କରି ପରମପିତା ପରମାତ୍ମାଙ୍କ ମହତୀ ଅନୁକମ୍ପାରୁ କଟକ-ଭୁବନେଶ୍ୱରର ମଧ୍ୟବର୍ତ୍ତୀ ଫୁଲନଖରା ଛକଠାରୁ ନିଆଳି-କୋଣାର୍କ-ପୁରୀ ଯିବା ରାସ୍ତାରେ ୪ କି.ମି. ଦୂର ସ୍ଥିତ ତ୍ରିନାଥ ବଜାରଠାରୁ ବାମ ପାର୍ଶ୍ୱରେ ପ୍ରାୟ ୩.୫ କି.ମି. ଦୂରରେ ଉଷୁମାଠାରେ ପିଚୁ ରାସ୍ତା କଡ଼ରେ ୧.୩୫ ଏକର ଜମି କ୍ରୟ କରାଯାଇଛି। ଏଥିନିମନ୍ତେ ଶ୍ରୁତିନ୍ୟାସ ଥିବା ସମ୍ବଳ ନିଅଣ୍ଟ ହେବାରୁ ନ୍ୟାସର କର୍ମକର୍ତ୍ତା-ସହଯୋଗୀଙ୍କଠାରୁ ପ୍ରାୟ ୧୬ଲକ୍ଷ ଟଙ୍କା ଧାର ସୂତ୍ରରେ ନିଆଯାଇଛି।

ଏଠାରେ ଶ୍ରୁତିନ୍ୟାସର ବହୁମୁଖୀ ଗତିବିଧି କେନ୍ଦ୍ର **'ବେଦଧାମ'** ନିର୍ମାଣ କରାଯିବା ପାଇଁ ନିର୍ଣ୍ଣୟ ନିଆଯାଇଛି। ବୈଦିକ ଧର୍ମ-ସଂସ୍କୃତିର ସୁରକ୍ଷା ଓ ପ୍ରଚାର-ପ୍ରସାର କଳ୍ପେ ଏଠାରେ ନିମ୍ନଲିଖିତ ଗତିବିଧି ସଞ୍ଚାଳନ କରାଯିବାକୁ ବିଚାର କରାଯାଇଛି —

**୧. ଶିବିର ଓ ପ୍ରଶିକ୍ଷଣ —** ଶ୍ରୁତିନ୍ୟାସର ନିଜସ୍ୱ ଆଶ୍ରମ ନ ଥିବାରୁ ବର୍ତ୍ତମାନ କେବଳ ବର୍ଷକୁ ଥରେ, ପ୍ରାୟତଃ ଦଶହରା ପୂଜା ଅବକାଶରେ, ଜୀବନ ନିର୍ମାଣ ଶିବିର ଆୟୋଜିତ ହୋଇଆସୁଛି। 'ବେଦଧାମ' ନିର୍ମାଣ ହେଲେ ଅନ୍ୟ ସମୟରେ ମଧ୍ୟ ବର୍ଷରେ ଅନେକ ଥର ଶିବିର କରାଯାଇପାରିବ। ବର୍ତ୍ତମାନ ଅନୁଷ୍ଠିତ ହେଉଥିବା ଶିବିରରେ ପ୍ରାୟ

୪୦୦-୪୫୦ ଶିବିରାର୍ଥୀ ଯୋଗ ଦେଉଛନ୍ତି। ଏଣୁ 'ବେଦଧାମ'ରେ ୫୦୦ ଜଣ ଶିବିରାର୍ଥୀଙ୍କ ରହିବା-ଖାଇବା-ପ୍ରଶିକ୍ଷଣ ନେବାର ସମୁଚିତ ବ୍ୟବସ୍ଥା ଆଧାରରେ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ କରାଯିବ। ଆଖପାଖର ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଧର୍ମ, ସଂସ୍କୃତି, ନୈତିକତା, ଅନୁଶାସନ, ରାଷ୍ଟ୍ରପ୍ରେମ ସମ୍ବନ୍ଧୀୟ ଜାଗରୁକତା ପାଇଁ ବିଭିନ୍ନ ସମୟରେ ବିବିଧ କାର୍ଯ୍ୟକ୍ରମ କରାଯିବ। କିଶୋର ବୟସର ବାଳକ-ବାଳିକାମାନଙ୍କ ପାଇଁ ପୃଥକ୍-ପୃଥକ୍ ଶିବିର ଭିନ୍ନ-ଭିନ୍ନ ସମୟରେ କରାଯିବାର ଯୋଜନା କରାଯାଇଛି। ତା' ଛଡ଼ା ଆଶ୍ରମରେ କିଛି-କିଛି ଦିନ ଅବସ୍ଥାନ କରି ବୈଦିକ ସଂସ୍କୃତି ସଂପର୍କରେ ପ୍ରଶିକ୍ଷଣ ନେବାକୁ ଚାହୁଁଥିବା ଲୋକଙ୍କ ପାଇଁ ମଧ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯିବ।

**୨. ବାନପ୍ରସ୍ଥ-ସାଧକ ଆଶ୍ରମ —** ସ୍ୱାଧ୍ୟାୟ-ସାଧନା-ସେବାରେ ସଂଲଗ୍ନ ରହି ତପଃପୂତ ଜୀବନ ଯାପନ କରିବାକୁ ଚାହୁଁଥିବା ୪୦-୫୦ ଜଣ ବାନପ୍ରସ୍ଥୀ-ସାଧକଙ୍କ ସକାଶେ ଉତ୍ତମ ସାଧନଯୁକ୍ତ କକ୍ଷ ବିଶିଷ୍ଟ ବାନପ୍ରସ୍ଥ-ସାଧକ ଆଶ୍ରମ ନିର୍ମାଣ କରାଯାଇ ସାଧନା ନିମନ୍ତେ ଅନୁକୂଳ ବାତାବରଣ ଉପଲବ୍ଧ କରିବାର ଲକ୍ଷ୍ୟ ରଖାଯାଇଛି।

**୩. ଦର୍ଶନ ଯୋଗ ବିଦ୍ୟାଳୟ—** ବୈଦିକ ସଂସ୍କୃତିର ସୁରକ୍ଷା-ସମ୍ବର୍ଦ୍ଧନ ସକାଶେ ତ୍ୟାଗୀ-ତପସ୍ୱୀ-ବୈରାଗ୍ୟବାନ୍ ବିଦ୍ୱାନ୍ ସନ୍ନ୍ୟାସୀ-ବ୍ରହ୍ମଚାରୀଙ୍କର ମହତୀ ଆବଶ୍ୟକତା ରହିଛି। ଆର୍ଯ୍ୟଜଗତରେ ସର୍ବଭାରତୀୟ ସ୍ତରରେ ଖ୍ୟାତିପ୍ରାପ୍ତ ଦର୍ଶନ ଯୋଗ ମହାବିଦ୍ୟାଳୟ, ରୋଜଡ଼(ଗୁଜରାଟ)ର ଏକ ଶାଖା ବିଦ୍ୟାଳୟ ଭବିଷ୍ୟତରେ ଏହିଠାରେ ସଞ୍ଚାଳନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଆଶ୍ରମରେ ଅବସ୍ଥାନ କରୁଥିବା ବାନପ୍ରସ୍ଥ-ସାଧକମାନେ ମଧ୍ୟ ଆର୍ଷବିଦ୍ୟା ଅଧ୍ୟୟନର ସୁଯୋଗ ପାଇବେ।

**୪. ସଂସ୍କାର କେନ୍ଦ୍ର —** ବୈଦିକ ଷୋଡ଼ଶ ସଂସ୍କାରକୁ ଲୋକପ୍ରିୟ କରିବା, ସମାଜରେ ତା'ର ପୁନଃ ପ୍ରସ୍ଥାପନା କରିବା ଉଦ୍ଦେଶ୍ୟରେ ଆଖପାଖର ଲୋକଙ୍କ ବିବାହ, ବ୍ରତାଦି ସକଳ ବୈଦିକ ସାମାଜିକ ଉତ୍ସବାନୁଷ୍ଠାନ ବୈଦିକ ପଦ୍ଧତିରେ କରିବାର ଆବଶ୍ୟକତା ପୂରଣ ସକାଶେ ଉଚିତ ବ୍ୟବସ୍ଥା କରାଯିବ।

**୫. ସେବା ପ୍ରକଳ୍ପ —** ନିର୍ଦ୍ଧନ-ଅସହାୟ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ଆଦି ବିବିଧ ପ୍ରକାର ସେବା ଓ ସହାୟତା ଯୋଗାଇ ଦିଆଯିବା ପାଇଁ ସାଧ୍ୟମତେ ବ୍ୟବସ୍ଥା କରାଯିବ।

ଏ ସମସ୍ତ ଗତିବିଧିର ସଞ୍ଚାଳନ ପାଇଁ ଆବଶ୍ୟକୀୟ ଗୃହାଦି ନିର୍ମାଣ କାର୍ଯ୍ୟ ସକାଶେ ପ୍ରଭୂତ ଅର୍ଥ ଆବଶ୍ୟକ। ଶ୍ରୁତିନ୍ୟାସର ସଞ୍ଚିତ ଅର୍ଥ ତ ଜମିକିଣାରେ ପୂର୍ଣ୍ଣତଃ ବ୍ୟୟ କରାଯାଇ ନିଅଣ୍ଟ କାରଣରୁ ପୁନଃ ୧୬ ଲକ୍ଷ ଟଙ୍କା ଧାର କରାଯାଇଛି। ତେଣୁ ନିର୍ମାଣ କାର୍ଯ୍ୟକୁ ପର୍ଯ୍ୟାୟ କ୍ରମେ କରାଯିବା ପାଇଁ ସ୍ଥିର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପାଚେରୀ ନିର୍ମାଣ, ଜଳର ବ୍ୟବସ୍ଥା (ଗଭୀର ନଳକୂପ ଖନନ ଆଦି), ଆଲୋକ ବ୍ୟବସ୍ଥା, ଯଜ୍ଞଶାଳା, ପ୍ରଶିକ୍ଷଣ ମଣ୍ଡପ ଓ ଅତିଥି-ଅନ୍ତେବାସୀଙ୍କ ପାଇଁ କେତେକ ନିବାସ କକ୍ଷ ସଂଯୁକ୍ତ ପ୍ରଶାସନିକ ଭବନ ନିର୍ମାଣ କରାଯିବ। **ଏଥିନିମନ୍ତେ ସର୍ବନିମ୍ନ ୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।** ବେଦପ୍ରେମୀ ଆର୍ଯ୍ୟଜନତାଙ୍କ ସହଯୋଗ, ଆଶୀର୍ବାଦ ହିଁ ଶ୍ରୁତିନ୍ୟାସର ସମ୍ବଳ। ବିଗତ ଦିନରେ ଶ୍ରୁତିନ୍ୟାସର ସମସ୍ତ କାର୍ଯ୍ୟକ୍ରମ ଆପଣମାନଙ୍କ ଉଦାର ସହଯୋଗ ବଳରେ ହିଁ ସମ୍ଭବ ହୋଇପାରିଛି। ଯେହେତୁ ବେଦ ଈଶ୍ୱରୀୟ ଜ୍ଞାନ ଓବେଦର ଶିକ୍ଷାର ରକ୍ଷା ଓ ପ୍ରସାର କରିବା ପ୍ରତ୍ୟେକ ମାନବର ପରମ ଧର୍ମ, ତେଣୁ ବୈଦିକ ଧର୍ମ-ସଂସ୍କୃତିର ସୁରକ୍ଷା-ସମ୍ବର୍ଦ୍ଧନ କକ୍ଷେ ମହତୀ ଭୂମିକା ନିର୍ବାହ କରିବାକୁ ଯାଉଥିବା ଏହି ବହୁମୁଖୀ ଗତିବିଧି କେନ୍ଦ୍ର **'ବେଦଧାମ'** ଶ୍ରୁତିନ୍ୟାସର ସମସ୍ତ ସହଯୋଗୀ, ଶୁଭେଚ୍ଛୁ-ଶଭାକାଂକ୍ଷୀ, 'ଶ୍ରୁତିସୌରଭ'ର ସମସ୍ତ ସଦସ୍ୟ, ପାଠକ-ପାଠିକା, ଅଧିକନ୍ତୁ ବେଦକୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଉଦାର ଚିତ୍ତରେ ମୁକ୍ତ ହସ୍ତରେ ସହଯୋଗ ବଳରେ ନିଶ୍ଚିତ ସଫଳ ହେବ ଏହି ଆଶା-ଭରସା-ବିଶ୍ୱାସ ଆମର ଅଛି। ବେଦକୁ ଭଲ ପାଉଥିବା, ବେଦପ୍ରଚାର କାର୍ଯ୍ୟର ପ୍ରଗତିକାମୀ ପ୍ରତ୍ୟେକ ମହାନୁଭବ ଏହି ମହାଯଜ୍ଞରେ ସ୍ୱ ଆହୁତି ଅବଶ୍ୟ ପ୍ରଦାନ କରିବାକୁ ବିନୀତ ଅନୁରୋଧ।

**ବେଦୋଦ୍ଧାରକ ମହର୍ଷି ଦୟାନନ୍ଦଙ୍କ ବୋଧ ଦିବସ, 'ଶିବରାତ୍ରି' ଦିନ, ଇଂରାଜୀ ତା ୪.୩.୨୦୧୯ ରିଖରେ 'ବେଦଧାମ'ର ଶିଳାନ୍ୟାସ କରାଯିବା ପାଇଁ ସ୍ଥିର କରାଯାଇଛି।** 'ଶ୍ରୁତିନ୍ୟାସ'ର କାର୍ଯ୍ୟକୁ ଭଲପାଉଥିବା ତଥା ସହଯୋଗ, ପ୍ରଶଂସା, ପ୍ରୋତ୍ସାହିତ କରୁଥିବା ସମର୍ଥକ-ଶୁଭାକାଂକ୍ଷୀ- ସହଯୋଗୀଙ୍କ ସଂଖ୍ୟା ବହୁ ଅଧିକ। ତେଣୁ ସମସ୍ତ ସହଯୋଗୀ-ସମର୍ଥକ-ଶୁଭେଚ୍ଛୁଙ୍କୁ ବ୍ୟକ୍ତିଗତ ରୂପେ ସଂପର୍କ କରି ନିମନ୍ତ୍ରଣ ଦେବା ସମ୍ଭବପର ହୋଇପାରୁନାହିଁ। ଅତଏବ ଏହି ନିବେଦନକୁ ହିଁ ନିମନ୍ତ୍ରଣ ରୂପେ ସ୍ୱୀକାର କରି ଏହି ମହାନ୍ କାର୍ଯ୍ୟରେ ଉପସ୍ଥିତ ହୋଇ ଆମକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତଙ୍କୁ କରବଦ୍ଧ ବିନମ୍ର ନିବେଦନ କରୁଛି। ଆପଣମାନଙ୍କର ସଦୟ ଉପସ୍ଥିତି ଆମର ଏକାନ୍ତ କାମ୍ୟ।

**କାର୍ଯ୍ୟସୂଚୀ :** ଦିବା ୧୦.୦୦ ଘଟିକା – ଯଜ୍ଞ
ଦିବା ୧୧.୩୦ ଘଟିକା – ଶିଳାନ୍ୟାସ ଓ ଭଜନ ପ୍ରବଚନ
ଦିବା ୧.୦୦ ଘଟିକା – ପ୍ରସାଦ ସେବନ

**ବନ୍ଦେ ବେଦମାତରମ୍**
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ବେଦଧାମ ନିର୍ମାଣ ପାଇଁ ହୋଇଥିବା ଆଲୋଚନାରେ ଉପସ୍ଥିତ ବେଦପ୍ରେମୀ ସଜ୍ଜନଗଣ ଏହି ଲକ୍ଷ୍ୟକୁ ପୂର୍ଣ୍ଣ କରିବାର ନିର୍ଭର ପ୍ରତିଶ୍ରୁତି ସାଙ୍ଗକୁ ସ୍ୱ-ସ୍ୱ ସହଯୋଗ ରାଶି ପ୍ରଦାନ ନିମନ୍ତେ ସଂକଳ୍ପ ପତ୍ର ପୂରଣ କରିଛନ୍ତି। ଇତିମଧ୍ୟରେ କିଛି ସଜ୍ଜନ ସହଯୋଗ ରାଶି ବି ପ୍ରେରଣ କରିସାରିଛନ୍ତି ଏବଂ କିଛି ବ୍ୟକ୍ତି ପର୍ଯ୍ୟାୟ କ୍ରମେ ସହଯୋଗ ରାଶି ପ୍ରଦାନ କରୁଛନ୍ତି। ସହଯୋଗ ରାଶି ପ୍ରଦାନ କରିଥିବା ସଜ୍ଜନଗଣ ହେଲେ —

| | | | |
|---|---|---|---|
| ୧. | ଶ୍ରୀମାନ୍ ପଦ୍ମନାଭ ସ୍ୱାଇଁ | ରାଉରକେଲା | ୫,୦୦,୦୦୦.୦୦ |
| ୨. | ଶ୍ରୀମତୀ ସୁନୀତା ସ୍ୱାଇଁ | ରାଉରକେଲା | ୫,୦୦,୦୦୦.୦୦ |
| ୩. | କୁମାରୀ ଶ୍ରୁତିପ୍ରିୟା ସ୍ୱାଇଁ | ରାଉରକେଲା | ୧,୦୦,୦୦୦.୦୦ |
| ୪. | ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ରାଉରକେଲା | ୨,୫୦,୦୦୦.୦୦ |
| ୫. | ଶ୍ରୀମତୀ ଗାୟତ୍ରୀ ପାଣିଗ୍ରାହୀ | ରାଉରକେଲା | ୨,୫୦,୦୦୦.୦୦ |
| ୬. | ଶ୍ରୀମାନ୍ ବିଜୟ କୁମାର ବେହେରା | ରାଉରକେଲା | ୨,୦୦,୦୦୦.୦୦ |
| ୭. | ଶ୍ରୀମତୀ ସ୍ନେହଲତା ବେହେରା | ରାଉରକେଲା | ୨,୦୦,୦୦୦.୦୦ |
| ୮. | ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ରାଉରକେଲା | ୧,୫୦,୦୦୦.୦୦ |
| ୯. | ଶ୍ରୀମତୀ ଭାଗ୍ୟଲତା ନାୟକ | ରାଉରକଲୋ | ୧,୫୦,୦୦୦.୦୦ |
| ୧୦. | ଶ୍ରୀମାନ୍ ପୀତବାସ ଦଳେଇ | ରାଉରକେଲା | ୧,୫୦,୦୦୦.୦୦ |
| ୧୧. | ଶ୍ରୀମତୀ କୃଷ୍ଣାକୁମାରୀ ଦଳେଇ | ରାଉରକେଲା | ୧,୫୦,୦୦୦.୦୦ |
| ୧୨. | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ରାଉରକେଲା | ୧,୦୦,୦୦୦.୦୦ |
| ୧୩. | ଶ୍ରୀମାନ୍ ପ୍ରଫୁଲ୍ଲ ଚନ୍ଦ୍ର ବାଡ଼ତ୍ୟା | ରାଉରକେଲା | ୧,୦୦,୦୦୦.୦୦ |
| ୧୩. | ଶ୍ରୀମାନ୍ ଇ. କୁମାର ସ୍ୱାମୀ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୪. | ଡାକ୍ତର ଗୋପବନ୍ଧୁ ପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୫. | ଶ୍ରୀମତୀ ଲଳିତ ମଞ୍ଜରୀ ସାହୁ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୬. | ଶ୍ରୀମାନ୍ ସମ୍ବିତ୍ କୁମାର ଦାସ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୭. | ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୧୮. | ଶ୍ରୀମତୀ କବିତା ମହାପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |

| | | | |
|---|---|---|---|
| ୧୯. | ଶ୍ରୀମାନ୍ ଅଶୋକ କୁମାର ପଟ୍ଟନାୟକ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୦. | ଶ୍ରୀମାନ୍ ମହେଶ୍ୱର ପାତ୍ର | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୧. | ଶ୍ରୀମତୀ ସରିତା ରଥ | ଭୁବନେଶ୍ୱର | ୧,୦୦,୦୦୦.୦୦ |
| ୨୨. | ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୧,୦୦,୦୦୦.୦୦ |
| ୨୩. | ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୧,୦୦,୦୦୦.୦୦ |
| ୨୪. | ଡାକ୍ତର ଗୀତାଞ୍ଜଳି ପାତ୍ର | କଟକ | ୧,୦୦,୦୦୦.୦୦ |
| ୨୫. | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୫୦,୦୦୦.୦୦ |
| ୨୬. | ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୫୦,୦୦୦.୦୦ |
| ୨୭. | ଶ୍ରୀମାନ୍ ରାଜକିଶୋର ବେହୁରା | ତିର୍ତ୍ତୋଲ | ୧,୦୦,୦୦୦.୦୦ |
| ୨୮. | ଶ୍ରୀମତୀ ସଂଯୁକ୍ତା ବେହୁରା | ତିର୍ତ୍ତୋଲ | ୧,୦୦,୦୦୦.୦୦ |
| ୨୯. | ଶ୍ରୀମାନ୍ ନାରାୟଣ ପଣ୍ଡା | ବ୍ରହ୍ମପୁର | ୨,୦୦,୦୦୦.୦୦ |
| ୩୦. | ଶ୍ରୀମତୀ ଇତିଶ୍ରୀ ପାତ୍ର | ବ୍ରହ୍ମପୁର | ୧,୦୦,୦୦୦.୦୦ |
| ୩୧. | ଶ୍ରୀମାନ୍ ଆର୍. ମୋହନ ରେଡି | ବ୍ରହ୍ମପୁର | ୫୦,୦୦୦.୦୦ |
| ୩୨. | ଶ୍ରୀମାନ୍ ରୁଦ୍ରପ୍ରସନ୍ନ ମହାପାତ୍ର | ବ୍ରହ୍ମପୁର | ୫୦,୦୦୦.୦୦ |
| ୩୩. | ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୋନପୁର | ୧,୦୦,୦୦୦.୦୦ |
| ୩୪. | କୁମାରୀ ସୁନୀତି ଗରିଆ | ସୋନପୁର | ୨,୦୦,୦୦୦.୦୦ |
| ୩୫. | ଶ୍ରୀମତୀ ପ୍ରଣତି ଗରିଆ | ସୋନପୁର | ୫୦,୦୦୦.୦୦ |
| ୩୬. | ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଡ଼ମାଳ | ୫୦,୦୦୦.୦୦ |
| ୩୭. | ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୧,୦୦,୦୦୦.୦୦ |
| ୩୮. | ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୧,୦୦,୦୦୦.୦୦ |
| ୩୯. | ଶ୍ରୀମତୀ କୁମୁଦିନୀ ଦେଇ | ବରଗଡ଼ | ୧,୦୦,୦୦୦.୦୦ |
| ୪୦. | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ରେଢ଼ାଖୋଲ | ୫୦,୦୦୦.୦୦ |
| ୪୧. | ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ରେଢ଼ାଖୋଲ | ୫୦,୦୦୦.୦୦ |
| ୪୨. | କୁମାରୀ ସଙ୍ଗୀତା ପ୍ରଧାନ | ରେଢ଼ାଖୋଲ | ୧,୦୦,୦୦୦.୦୦ |
| ୪୩. | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧,୦୦,୦୦୦.୦୦ |
| ୪୪. | ଶ୍ରୀମତୀ ବସନ୍ତ କୁମାରୀ ମହାପାତ୍ର | ବାଲେଶ୍ୱର | ୧,୦୦,୦୦୦.୦୦ |
| ୪୫. | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | ଫୁଲବାଣୀ | ୧,୦୦,୦୦୦.୦୦ |
| ୪୬. | ଶ୍ରୀମାନ୍ ଜ୍ଞାନରଞ୍ଜନ ଭୂୟାଁ | ବର୍ଣ୍ଣପୁର | ୧,୦୦,୦୦୦.୦୦ |

ଏତଦ୍ ବ୍ୟତୀତ ବାନପ୍ରସ୍ଥ ସାଧକ ଆଶ୍ରମରେ କକ୍ଷ ନିର୍ମାଣ ପାଇଁ ସହଯୋଗ ରାଶି ପ୍ରଦାନ କରିଥିବା ସଜ୍ଜନଗଣ—

| | | | |
|---|---|---|---|
| ୧. | ଶ୍ରୀମାନ୍ ଅଶୋକ କୁମାର ପଟ୍ଟନାୟକ | ଭୁବନେଶ୍ୱର | ୫,୦୦,୦୦୦.୦୦ |
| ୨. | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ରାଉରକେଲା | ୪,୫୦,୦୦୦.୦୦ |
| ୩. | ଶ୍ରୀମତୀ ନର୍ମଦା ପାତ୍ର | ଭୁବନେଶ୍ୱର | ୪,୦୦,୦୦୦.୦୦ |

**କ୍ରମଶଃ....**

**ବି.ଦ୍ର.:** ❖ ଏହି କାର୍ଯ୍ୟ ନିମନ୍ତେ ଆର୍ଥିକ ସହଯୋଗ ରାଶି ପ୍ରଦାନ କରିବାକୁ ଇଚ୍ଛୁକ ସଜ୍ଜନଗଣ ଦୟାପୂର୍ବକ ଶ୍ରୁତିନ୍ୟାସର **ସମ୍ପାଦକ ପଦ୍ମନାଭ ସ୍ୱାଇଁ, ଚଳଭାଷ - ୯୮୬୧୩୩୫୩୨୧ / ୭୦୦୮୦୫୮୨୪୨ଙ୍କୁ ସମ୍ପର୍କ କରନ୍ତୁ।**

❖❖❖

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

ପୂର୍ବାନୁକ୍ରମିକ... **ମହର୍ଷି ଦୟାନନ୍ଦ ସରସ୍ୱତୀ**

### ସୂର୍ଯ୍ୟାଦିଗ୍ରହପୂଜା ସମୀକ୍ଷା

ଦେଖନ୍ତୁ ! ଏ ଧୂର୍ତ୍ତମାନେ ଗ୍ରହମାନଙ୍କ ଗୋଲକଧନ୍ଦା କେମିତି ଚଳାଇଲେ ଯାହାକି ବିଦ୍ୟା-ବୁଦ୍ଧିହୀନ ଲୋକଙ୍କୁ ଗ୍ରାସ କରିଗଲା —

**ଆ କୃଷ୍ଣେନ ରଜସା...... ॥ ୧ ॥** - ସୂର୍ଯ୍ୟର ମନ୍ତ୍ର । (ଯଜୁଃ. ୩୩:୪୩)

**ଇମଂ ଦେବାଽଅସପତ୍ନଂ ସୁବଧ୍ୱମ୍....॥ ୨ ॥** - ଚନ୍ଦ୍ରଙ୍କ ମନ୍ତ୍ର । (ଯଜୁଃ. ୯:୪୦)

**ଅଗ୍ନିର୍ମୂର୍ଦ୍ଧା ଦିବଃ କକୁତ୍ପତିଃ.........॥ ୩ ॥** - ମଙ୍ଗଳଙ୍କ ମନ୍ତ୍ର । (ଯଜୁଃ. ୩:୧୨)

**ଉଦ୍‌ବୁଧ୍ୟସ୍ୱାଗ୍ନେ...........॥ ୪ ॥** - ବୁଧଙ୍କ ମନ୍ତ୍ର । (ଯଜୁଃ. ୧୫:୫୪)

**ବୃହସ୍ପତେ ଅତି ଯଦର୍ଯ୍ୟୋ.....॥ ୫ ॥** - ବୃହସ୍ପତିଙ୍କ ମନ୍ତ୍ର । (ଯଜୁଃ. ୨୬:୩)

**ଶୁକ୍ରମନ୍ଧସଃ........॥ ୬ ॥** - ଶୁକ୍ରଙ୍କ ମନ୍ତ୍ର । (ଯଜୁଃ. ୧୯:୭୨)

**ଶନ୍ନୋ ଦେବୀରଭିଷ୍ଟୟ......॥ ୭ ॥** - ଶନିଙ୍କ ମନ୍ତ୍ର । (ଯଜୁଃ. ୩୬:୧୨)

**କୟା ନଶ୍ଚିତ୍ର ଆ ଭୁବ......॥ ୮ ॥** - ରାହୁଙ୍କ ମନ୍ତ୍ର । (ଯଜୁଃ. ୨୭:୩୯)

**କେତୁଂ କୃଣ୍ୱନ୍ନକେତବେ......॥ ୯ ॥** - କେତୁଙ୍କ କଣ୍ଡିକା କହନ୍ତି । (ଯଜୁଃ. ୨୯:୩୭)

ଏସବୁ ମନ୍ତ୍ରଗୁଡ଼ିକ ମଧ୍ୟରୁ **(ଆ କୃଷ୍ଣେନ..)** ଏହା ସୂର୍ଯ୍ୟ ଓ ପୃଥିବୀର ଆକର୍ଷଣ ସମ୍ବନ୍ଧୀୟ ବର୍ଣ୍ଣନାପରକ ॥ ୧ ॥ ଦ୍ୱିତୀୟଟି ରଜୋଗୁଣ ବିଧାୟକ ॥ ୨ ॥ ତୃତୀୟଟି ଅଗ୍ନି ସମ୍ବନ୍ଧୀୟ ॥ ୩ ॥ ଚତୁର୍ଥଟି ଯଜମାନ ସମ୍ପର୍କିତ ॥ ୪ ॥ ପଞ୍ଚମ ବିଦ୍ୱାନ୍ ସମ୍ପର୍କୀୟ ॥ ୫ ॥ ଷଷ୍ଠ ମନ୍ତ୍ର ବୀର୍ଯ୍ୟ, ଅନ୍ନ ସମ୍ବନ୍ଧୀୟ ॥ ୬ ॥ ସପ୍ତମ ଜଳ, ପ୍ରାଣ ଓ ପରମେଶ୍ୱର ସମ୍ବନ୍ଧୀୟ ॥ ୭ ॥ ଅଷ୍ଟମ ମିତ୍ର ସମ୍ପର୍କୀୟ ॥ ୮ ॥ ନବମ ଜ୍ଞାନଗ୍ରହଣର ବିଧାୟକ ମନ୍ତ୍ର ॥ ୯ ॥ ଏସବୁ ଗ୍ରହ ବାଚକ ମନ୍ତ୍ର ନୁହନ୍ତି । ମନ୍ତ୍ରର ବାସ୍ତବିକ ଅର୍ଥ ନ ଜାଣିବାରୁ ଭ୍ରମଜାଲରେ ପଡ଼ି ଏସବୁକୁ ଗ୍ରହବାଚକ ମନ୍ତ୍ର ମନେକରୁଛନ୍ତି ।

**ପ୍ରଶ୍ନ —** ଗ୍ରହମାନଙ୍କର ଫଳାଫଳ ଅଛି ନା ନାହିଁ ?

**ଉତ୍ତର —** ଏ ବିଷୟରେ ଯେପରି ପୋପ୍‌ଲୀଳା ପ୍ରଚରିତ, ସେପରି ନାହିଁ । କିନ୍ତୁ ଯେପରି ସୂର୍ଯ୍ୟ-ଚନ୍ଦ୍ରଙ୍କ କିରଣ ଦ୍ୱାରା ଉଷ୍ଣତା-ଶୀତଳତା ଅଥବା ଋତୁବତ୍ କାଳଚକ୍ରର ସମ୍ବନ୍ଧ ଯୋଗୁଁ ନିଜ ପ୍ରକୃତିର ଅନୁକୂଳ-ପ୍ରତିକୂଳ ସୁଖ-ଦୁଃଖର ନିମିତ୍ତ ହୋଇଥାଏ, ସେହି ଫଳ ଅଛି । ପୋପଲୀଳାକାରୀମାନେ ଯେମିତି କହନ୍ତି — "ଶୁଣ ମହାରାଜ ! ଶେଠଜୀ ! ଯଜମାନ ! ଆଜି ତୁମର ଚନ୍ଦ୍ର-ସୂର୍ଯ୍ୟାଦି କ୍ରୂର ଗ୍ରହ ଅଷ୍ଟମ ଗୃହକୁ ଆଗମନ କରିଛନ୍ତି, ଅଢ଼େଇ ବର୍ଷିଆ ଶନି ପଦାକୁ ଆସିଛି । ତୁମର ବହୁତ ଅନିଷ୍ଟ ଘଟିବ । ଘର-ଦ୍ୱାରରୁ ହଟେଇ ପରଦେଶରେ ବୁଲାଇବ । କିନ୍ତୁ ଯଦି ତୁମେ ଗ୍ରହର ଦାନ, ଜପ, ପୂଜା-ପାଠ କରାଇବ ତେବେ ଗ୍ରହପୀଡ଼ାରୁ ରକ୍ଷା ପାଇଯିବ ।" ଏମାନଙ୍କୁ ପଚରିବା ଉଚିତ ଯେ

— "ହେ ପୋପ୍ ମହାରାଜ ! ଗ୍ରହମାନଙ୍କ ସହ ତୁମର କ'ଣ ସମ୍ପର୍କ ଅଛି ? ଗ୍ରହ କି ଜିନିଷ ?"

**ପୋପ୍ — ଦୈବାଧୀନଂ ଜଗତ୍ସର୍ବଂ ମନ୍ତ୍ରାଧୀନାଶ୍ଚ ଦେବତାଃ ।**

**ତେ ମନ୍ତ୍ରା ବ୍ରହ୍ମଣାଧୀନାସ୍ତସ୍ମାଦ୍ ବ୍ରାହ୍ମଣଦୈବତମ୍ ॥**

ଦେଖ, କେମିତି ପ୍ରମାଣ ଅଛି ! ସମସ୍ତ ଜଗତ ଦେବତାମାନଙ୍କ ଅଧୀନ, ସକଳ ଦେବତା ମନ୍ତ୍ରର ଅଧୀନ, ପୁଣି ସେସବୁ ମନ୍ତ୍ର ବ୍ରାହ୍ମଣଙ୍କ ଅଧୀନ । ଏଣୁ ବ୍ରାହ୍ମଣମାନେ ହେଉଛନ୍ତି ଅସଲ ଦେବତା । କାରଣ ଇଚ୍ଛା କଲେ ଯେ କୌଣସି ଦେବତାଙ୍କୁ ମନ୍ତ୍ର ବଳରେ ଆବାହନ କରି, ପ୍ରସନ୍ନ କରି, କାର୍ଯ୍ୟ ସିଦ୍ଧ କରାଇବାର ଅଧିକାର କେବଳ ଆମମାନଙ୍କର ହିଁ ଅଛି । ଯଦି ଆମଠାରେ ମନ୍ତ୍ରଶକ୍ତି ନ ଥାଆନ୍ତା, ତେବେ ତୁମ ଭଳି ନାସ୍ତିକ ଆମକୁ ଏ ସଂସାରରେ ରଖାଇ ଦିଅନ୍ତେ ନାହିଁ ।

**ସତ୍ୟବାଦୀ —** ସଂସାରରେ ଯେଉଁ ଚୋର, ଡକାଏତ, କୁକର୍ମୀ ଲୋକମାନେ ଅଛନ୍ତି, ସେମାନେ ମଧ ତୁମ ଦେବତାମାନଙ୍କ ଅଧୀନରେ ଥିବେ ? ଦେବତାମାନେ ହିଁ ସେମାନଙ୍କ ଦ୍ୱାରା ଦୁଷ୍କର୍ମସବୁ କରାଉଥିବେ ? ଯଦି ସେପରି ହେଉଥାଏ, ତେବେ ତୁମ ଦେବତା ଓ ରାକ୍ଷସମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଦ୍ୱିତୀୟ କଥା ହେଲା ଯେ ମନ୍ତ୍ରସବୁ ଯଦି ତୁମର ଅଧୀନ, ଏବଂ ସେ ମନ୍ତ୍ର ଦ୍ୱାରା ତୁମେ ଯଦି ଯାହା ଚାହିଁଲେ ତାହା କରିପାରିବ, ତେବେ ସେସବୁ ମନ୍ତ୍ର ଦ୍ୱାରା ଦେବତାମାନଙ୍କୁ ବଶ କରି ରାଜକୋଷଗୁଡ଼ିକୁ ଉଠାଇ ନିଜ ଘରେ ଭରି, ଘରେ ବସି ସୁଖ ଭୋଗ କରୁନାହଁ କାହିଁକି ? ଘର-ଘର ବୁଲି ଶନିଗ୍ରହ ଆଦିଙ୍କ ତେଲ ପ୍ରଭୃତିର 'ଛାୟାଦାନ' ନେବା ପାଇଁ ବ୍ୟସ୍ତ-ବ୍ୟାକୁଳ ହେଉଛ କାହିଁକି ? **ତା'ଛଡ଼ା ତୁମେ ଯାହାକୁ କୁବେର ଦେବତା ବୋଲି କହୁଛ ତାଙ୍କୁ ବଶ କରି ଯେତେ ଇଚ୍ଛା ଧନ ତାଙ୍କଠୁ ନିଅ । ବିଚରା ଗରୀବ ଲୋକଙ୍କୁ କାହିଁକି ଲୁଣ୍ଠନ କରୁଛ ?**

ଯଦି ତୁମକୁ ଦାନ ଦେଲେ ଗ୍ରହମାନେ ପ୍ରସନ୍ନ ଓ ଦାନ ନ ଦେଲେ ଅପ୍ରସନ୍ନ ହୁଅନ୍ତି, ତେବେ ସୂର୍ଯ୍ୟାଦି ଗ୍ରହଙ୍କ ପ୍ରସନ୍ନତା-ଅପ୍ରସନ୍ନତା ଆମକୁ ପ୍ରତ୍ୟକ୍ଷ ଦେଖାଅ । **ସୂର୍ଯ୍ୟ-ଚନ୍ଦ୍ର ଯାହାର ଅଷ୍ଟମରେ ଅଛନ୍ତି ତାକୁ ଏବଂ ଆଉ ଯାହାର ତୃତୀୟରେ ଅଛନ୍ତି ତାକୁ, ଏ ଦୁହିଁଙ୍କୁ ଜ୍ୟେଷ୍ଠ ମାସର ଖରାରେ ବିନା ଜୋତାରେ ତାତିଲା ଭୂଇଁରେ ଚଲାଅ । ରବି ଯାହା ଉପରେ ପ୍ରସନ୍ନ ତା'ର ପାଦ, ଶରୀର ନ ପୋଡ଼ିବା ଏବଂ ଯାହା ଉପରେ କ୍ରୋଧିତ ତା'ର ପୋଡ଼ିଯିବା ଉଚିତ । ସେହିପରି ଦୁହିଁଙ୍କୁ ଉଲଗ୍ନ କରି ପୌଷ-ମାଘର ପୂର୍ଣ୍ଣିମାରେ ରାତିସାରା କୌଣସି ଖୋଲା ପଡ଼ିଆରେ ରଖ । ଯଦି ଜଣକୁ ଶୀତ ଲାଗିଲା; କିନ୍ତୁ ଅନ୍ୟ ଜଣକୁ ଲାଗିଲା ନାହିଁ, ତେବେ ଜଣାଯିବ ଯେ ଗ୍ରହମାନେ କ୍ରୂର ଓ ସୌମ୍ୟ ଦୃଷ୍ଟି ସମ୍ପନ୍ନ ଅଟନ୍ତି ।** ତା'ଛଡ଼ା ଗ୍ରହମାନେ କ'ଣ ତୁମର ବନ୍ଧୁ-ବାନ୍ଧବ ? ତୁମର ଡାକ-ତାର କ'ଣ ତାଙ୍କ ନିକଟକୁ ଯାଏ-ଆସେ ? ଅଥବା ତୁମେ ସେମାନଙ୍କ ପାଖକୁ କି ସେମାନେ ତୁମ ନିକଟକୁ ଯିବା-ଆସିବା କରନ୍ତି କି ?

ପ୍ରକୃତରେ ତୁମ ପାଖରେ ଯଦି ମନ୍ତ୍ରଶକ୍ତି ଅଛି, ତେବେ ତୁମେ ନିଜେ ରାଜା ବା ଧନଶାଳୀ ହୋଇଯାଉନାହଁ କାହିଁକି ? କିମ୍ବା ଶତ୍ରୁମାନଙ୍କୁ ନିଜର ବଶୀଭୂତ କାହିଁକି କରିଦେଉ ନାହଁ ? **ନାସ୍ତିକ ସିଏ ଅଟେ, ଯିଏକି ବେଦ ଓ ଈଶ୍ୱରଙ୍କ ଆଜ୍ଞାକୁ ନ ମାନେ ଏବଂ ବେଦବିରୁଦ୍ଧ ପୋପ୍‌ଲୀଳା ଚଳାଏ ।** ଯାହା ଉପରେ ଗ୍ରହର କ୍ରୂର ଦୃଷ୍ଟି ପଡ଼ିଛି ସିଏ ତୁମକୁ ଗ୍ରହଦାନ ନ ଦେଇ, ସେ ନିଜେ ହିଁ ସେହି ଗ୍ରହଦାନକୁ ଭୋଗ କଲେ ସେଥିରେ ଅସୁବିଧା କ'ଣ ? ଯଦି ତୁମେ କୁହ ଯେ ନା, ଆମକୁ ହିଁ ଦେଲେ ଗ୍ରହମାନେ ପ୍ରସନ୍ନ ହୁଅନ୍ତି, ଅନ୍ୟମାନଙ୍କୁ ଦେଲେ ପ୍ରସନ୍ନ ହୁଅନ୍ତି ନାହିଁ,

ତେବେ କ'ଣ ତୁମେ ଗ୍ରହମାନଙ୍କ ଠିକା ନେଇଯାଇଛ ? ଯଦି ଠିକା ନେଇଛ ତେବେ ସୂର୍ଯ୍ୟାଦିଙ୍କୁ ନିଜ ଘରକୁ ଡାକି ଜଳି-ପୋଡ଼ି ମର ।

ସତ୍ୟ ତ ଏଇଆ ଯେ ସୂର୍ଯ୍ୟାଦି ପିଣ୍ଡ ଜଡ଼ ପଦାର୍ଥ । ସେମାନେ କାହାକୁ ନା ଦୁଃଖ ନା ସୁଖ ଦେବାର ଚେଷ୍ଟା କରିପାରିବେ । ବରଂ **ତୁମେମାନେ ଯେତେ ଗ୍ରହଦାନୋପଜୀବୀ ଅଛ, ତୁମେମାନେ ସମସ୍ତେ ହେଉଛ ଗ୍ରହର ମୂର୍ତ୍ତିମନ୍ତ ରୂପ; ଯେହେତୁକି ଗ୍ରହ ଶବ୍ଦର ଅର୍ଥ ବି ତୁମଠାରେ ହିଁ ପ୍ରଯୁଜ୍ୟ ହେଉଛି । 'ଯେ ଗୃହ୍ଣନ୍ତି ତେ ଗ୍ରହାଃ' — ଯେଉଁମାନେ ଗ୍ରହଣ କରନ୍ତି, ସେମାନଙ୍କୁ ଗ୍ରହ କୁହାଯାଏ । ଯେ ପର୍ଯ୍ୟନ୍ତ ତୁମର ପାଦ ରାଜା, ଜମିଦାର, ଶେଠ, ସାହୁକାର କି ଦରିଦ୍ରଙ୍କ ଘରେ ନ ପଡ଼ିଛି, ସେଯାଏ କାହାକୁ କୌଣସି ଗ୍ରହ କଥା ମନେ ବି ପଡ଼ିନଥାଏ । ଯେତେବେଳେ ତୁମେମାନେ ସାକ୍ଷତ ସୂର୍ଯ୍ୟ, ଶନୈଶ୍ଚରାଦିଙ୍କ ମୂର୍ତ୍ତିମାନ୍ କ୍ରୂର ରୂପ ଧାରଣ କରି ସେମାନଙ୍କ ଉପରେ ବକ୍ର ଦୃଷ୍ଟି ପକାଅ, ସେତେବେଳେ ସେମାନଙ୍କଠାରୁ କିଛି ଗ୍ରହଣ ନ କଲା ପର୍ଯ୍ୟନ୍ତ ସେମାନଙ୍କୁ ଛାଡ଼ି ନଥାଅ । ଆଉ ଯେଉଁମାନେ ତୁମର କ୍ରୂର ଦୃଷ୍ଟିରେ ପଡ଼ନ୍ତି ନାହିଁ, ସେମାନଙ୍କୁ 'ନାସ୍ତିକ' ଆଦି ଶବ୍ଦରେ ନିନ୍ଦା କରି ବୁଲୁଥାଅ ।**

**ପୋପ୍ —** ଦେଖ ! ଜ୍ୟୋତିଷର ଫଳ ପ୍ରତ୍ୟକ୍ଷ । ଆକାଶରେ ଅବସ୍ଥିତ ସୂର୍ଯ୍ୟ, ଚନ୍ଦ୍ର ଓ ରାହୁ-କେତୁର ସଂଯୋଗ ରୂପକ **'ଗ୍ରହଣ'**କୁ ବହୁ ପୂର୍ବରୁ ପ୍ରକାଶ କରିଦେଇଥାଉ । ଯେପରି ଏହା ପ୍ରତ୍ୟକ୍ଷ ଜଣାଯାଉଛି, ସେହିପରି ଗ୍ରହମାନଙ୍କ ଫଳ ବି ପ୍ରତ୍ୟକ୍ଷ ହୋଇଯାଏ । ଦେଖୁନାହଁ ! ଲୋକେ ଧନୀ-ଦରିଦ୍ର, ରାଜା-ରଙ୍କ, ସୁଖୀ-ଦୁଃଖୀ ଗ୍ରହମାନଙ୍କର ପ୍ରଭାବରୁ ହିଁ ତ ହୋଇଛନ୍ତି ।

**ସତ୍ୟବାଦୀ —** ଏ ଯେଉଁ ଗ୍ରହଣ ରୂପକ ପ୍ରତ୍ୟକ୍ଷ ଫଳ ତାହା ହେଉଛି **ଗଣିତ-ଜ୍ୟୋତିଷର**, ଫଳିତ ଜ୍ୟୋତିଷର ନୁହେଁ । **ଜ୍ୟୋତିଷର ଗଣିତ ବିଦ୍ୟା ସତ୍ୟ ଓ ସେ ଫଳିତ-ବିଦ୍ୟା ସ୍ୱାଭାବିକ ସମ୍ବନ୍ଧଜନ୍ୟ ଛାଡ଼ି ଅନ୍ୟ ସବୁଯାକ ମିଥ୍ୟା ।** ଯେପରି ଅନୁଲୋମ-ପ୍ରତିଲୋମରେ ଘୂରୁଥିବା ପୃଥିବୀ ଓ ଚନ୍ଦ୍ରର ଗଣିତ ଦ୍ୱାରା ସ୍ପଷ୍ଟ ଜଣାଯାଏ ଯେ ଅମୁକ ସମୟରେ, ଅମୁକ ଦେଶରେ, ଅମୁକ ଭାଗରେ ସୂର୍ଯ୍ୟପରାଗ ବା ଚନ୍ଦ୍ରଗ୍ରହଣ ହେବ । ଯଥା —

**ଛାଦୟତ୍ୟର୍କମିନ୍ଦୁର୍ବିଧୁଂ ଭୂମିଭାଃ ।** (ଗ୍ରହଲାଘବ ଚନ୍ଦ୍ରଗ୍ରହଣାଧିକାର. ୫:୪)

**'ସିଦ୍ଧାନ୍ତ-ଶିରୋମଣି'** (ଗୋଳାଧ୍ୟାୟ, ଗ୍ରହଣପ୍ରକାଶ) ଓ **'ସୂର୍ଯ୍ୟସିଦ୍ଧାନ୍ତ'** (ଚନ୍ଦ୍ରଗ୍ରହଣାଧିକାର. ୪:୪) ଆଦି ଗ୍ରନ୍ଥରେ ମଧ୍ୟ ଏକଥା ଲେଖାଅଛି । ଯେତେବେଳେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟକୁ ଚନ୍ଦ୍ର ଆସିଯାଏ, ସେତେବେଳେ **'ସୂର୍ଯ୍ୟପରାଗ'** ହୁଏ ଏବଂ ଯେତେବେଳେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ଅବସ୍ଥାନ କରେ ସେ ସମୟରେ **'ଚନ୍ଦ୍ରଗ୍ରହଣ'** ହୋଇଥାଏ । ଅର୍ଥାତ୍ ଚନ୍ଦ୍ରର ଛାୟା ପୃଥିବୀ ଉପରେ ଏବଂ ପୃଥିବୀର ଛାୟା ଚନ୍ଦ୍ର ଉପରେ ପଡ଼ିଥାଏ । ସୂର୍ଯ୍ୟ ପ୍ରକାଶସ୍ୱରୂପ ହୋଇଥିବାରୁ ତା' ଉପରେ କାହାରି ଛାୟା ପଡ଼େ ନାହିଁ; କିନ୍ତୁ ଯେପରି ପ୍ରକାଶମାନ୍ ସୂର୍ଯ୍ୟ ବା ଦୀପ ଆଗରେ ଦେହାଦି କୌଣସି ପଦାର୍ଥ ରହିଲେ ଉକ୍ତ ବସ୍ତୁର ଛାୟା ବିପରୀତ ଦିଗରେ ପଡ଼େ, ଗ୍ରହଣରେ ମଧ୍ୟ ସେପରି ହୋଇଥାଏ ।

ଯେଉଁମାନେ ଧନୀ-ଦରିଦ୍ର, ରାଜା-ରଙ୍କ, ସୁଖୀ-ଦୁଃଖୀ ଆଦି ହେଉଛନ୍ତି, ସେମାନେ ନିଜ-ନିଜ କର୍ମଫଳରୁ ହେଉଛନ୍ତି, ଗ୍ରହମାନଙ୍କ ପ୍ରଭାବରୁ ହେଉନାହାନ୍ତି । ଗ୍ରହମାନଙ୍କ ପ୍ରଭାବ ବିଷୟରେ ସଂସାରକୁ ମାର୍ଗଦର୍ଶନ କରୁଥିବା ଜ୍ୟୋତିଷୀମାନେ ତ ନିଜ ପୁଅ-ଝିଅଙ୍କ ବିବାହ ଗ୍ରହମାନଙ୍କ ଗଣନାନୁସାରେ କରନ୍ତି । ଫେରେ ସେ ମଧ୍ୟରୁ ଅଧିକାଂଶ ପତି-ପତ୍ନୀଙ୍କ ମଧ୍ୟରେ ମନାନ୍ତର, କଳହ, ସଙ୍ଘର୍ଷ; ସ୍ତ୍ରୀଟି ଅଳ୍ପଦିନରେ ବିଧବା, ପୁରୁଷ ଅସମୟରେ ବିଧୁର ହେଉଛି ।

ଫଳିତ ଜ୍ୟୋତିଷ ଯଦି ସତ୍ୟ ହୋଇଥାନ୍ତା, ତେବେ ଏମିତି କାହିଁକି ହେଉଥାନ୍ତା ? **ଅତଏବ କର୍ମଫଳରୁ ସୁଖ-ଦୁଃଖ ଭୋଗ ସତ୍ୟ ଏବଂ ଗ୍ରହମାନଙ୍କ ଚଳନ ସୁଖ-ଦୁଃଖ ଭୋଗର କାରଣ ନୁହେଁ ।** ଆଚ୍ଛା, ଗ୍ରହଗୁଡ଼ିକ ଆକାଶରେ ଅବସ୍ଥିତ ଏବଂ ପୃଥିବୀ ମଧ୍ୟ ଆକାଶରେ ଏ ଗ୍ରହଗୁଡ଼ିକଙ୍କଠାରୁ ବହୁ ଦୂରରେ ଅବସ୍ଥିତ । ଏ ଗ୍ରହଗୁଡ଼ିକର କର୍ତ୍ତା ଓ କର୍ମ ସହ ସାକ୍ଷାତ୍ ସମ୍ବନ୍ଧ ନାହିଁ । କର୍ମର କର୍ତ୍ତା ଓ କର୍ମଫଳର ଭୋକ୍ତା ହେଉଛି ଜୀବ ଏବଂ କର୍ମଫଳ-ପ୍ରଦାତା ହେଲେ ପରମାତ୍ମା ।

ଯଦି ତୁମେ ଗ୍ରହମାନଙ୍କ ଫଳ ଅଛି ବୋଲି ମାନୁଛ, ତେବେ ଏହାର ଉତ୍ତର ଦିଅ ଯେ ଯେଉଁ କ୍ଷଣରେ ଗୋଟିଏ ଶିଶୁ ଜନ୍ମ ନେଉଛି, ଯାହାକୁ କି ତୁମେ **'ଧ୍ରୁବାତ୍ରୁଟି'** ବୋଲି ମାନି ଜାତକ ତିଆରି କରୁଛ, ସେହି ସମୟରେ ପୃଥିବୀରେ ଅନ୍ୟତ୍ର ଅନ୍ୟ କାହାର ଜନ୍ମ ହେଉଛି ନା ନାହିଁ ? ଉତ୍ତରରେ ଯଦି କୁହ ଯେ 'ନାହିଁ', ତେବେ ତାହା ମିଛ । ଆଉ ଯଦି କୁହ ଯେ ହୁଏ, ତେବେ ଜଣେ ସଂସାରର ଚକ୍ରବର୍ତ୍ତୀ ରାଜା ହେଲା ବେଳେ ଆଉ ଜଣେ ଚକ୍ରବର୍ତ୍ତୀ ରାଜା କାହିଁକି ହୁଏ ନାହିଁ ? ହଁ, ଯଦି ତୁମେ ଏକଥା କୁହ ଯେ ଏହି ଲୀଳା ଆମ ଉଦର ପୋଷଣ ପାଇଁ, ତେବେ କେହି ବି ଏକଥାକୁ ସ୍ୱୀକାର କରିବ ।

## ଗରୁଡ଼ପୁରାଣ ସମୀକ୍ଷା

**ପ୍ରଶ୍ନ —** କ'ଣ **'ଗରୁଡ଼ପୁରାଣ'** ବି ମିଛ ?

**ଉତ୍ତର —** ହଁ, ମିଛ ।

**ପ୍ରଶ୍ନ —** ତେବେ ମୃତ୍ୟୁ ପରେ ଜୀବର କି ଗତି ହୁଏ ?

**ଉତ୍ତର —** ତା'ର କର୍ମ ଯେମିତି ଥିବ ।

**ପ୍ରଶ୍ନ —** ଯମ ରାଜା, ଚିତ୍ରଗୁପ୍ତ ମନ୍ତ୍ରୀ ଏବଂ କଜ୍ଜ୍ୱଳ ପର୍ବତ ସଦୃଶ ଶରୀରଧାରୀ ତାଙ୍କର ଭୟଙ୍କର ଯମଦୂତଗଣ, ଯେଉଁମାନେ କି ଜୀବକୁ ଧରି ନେଇଯାଆନ୍ତି, ପାପ-ପୁଣ୍ୟ ଅନୁସାରେ ଯଥାକ୍ରମେ ନର୍କ-ସ୍ୱର୍ଗରେ ପକାନ୍ତି; ସେହି ମୃତ ଜୀବର କଲ୍ୟାଣ ପାଇଁ ଦାନ, ପୁଣ୍ୟ, ଶ୍ରାଦ୍ଧ, ତର୍ପଣ ଏବଂ ବୈତରଣୀ ନଦୀ ପାର ହେବା ପାଇଁ ଗୋଦାନାଦି କରାଯାଏ ଆଦି ଯେଉଁ କଥା ଲେଖାଯାଇଛି ସେସବୁ କେମିତି ମିଛ ହୋଇପାରିବ ?

**ଉତ୍ତର —** ଏସବୁ କଥା ପୋପ୍‌ଲୀଳାର ଗପ । ଯଦି ଅନ୍ୟ ସ୍ଥାନର ଜୀବମାନେ ସେ ଯମଲୋକକୁ ଯାଆନ୍ତି, ଯମରାଜ ଓ ଚିତ୍ରଗୁପ୍ତ ସେମାନଙ୍କର ବିଚାର କରନ୍ତି ବୋଲି ମାନିନିଆଯାଏ, ତେବେ ସେହି ଯମଲୋକର ଜୀବମାନେ ପାପ କଲେ ସେମାନଙ୍କ ବିଚାର ପାଇଁ ଅନ୍ୟ ଏକ ଯମଲୋକ ମାନିବାକୁ ପଡ଼ିବ, ଯେଉଁଠାର ନ୍ୟାୟାଧୀଶ କି ଏମାନଙ୍କ ବିଚାର କରିବେ । ଦ୍ୱିତୀୟରେ, ଯମଦୂତଙ୍କ ଶରୀର ଯଦି ପର୍ବତାକାର ତେବେ ସେମାନେ ଦେଖାଯାଉନାହାନ୍ତି କେମିତି ? ତା'ଛଡ଼ା ମୃତ ଜୀବକୁ ନେବା ପାଇଁ ସେମାନେ ଆସିଲେ ମୃତ ବ୍ୟକ୍ତିର ଘରର ଦ୍ୱାର ଦେଇ ସେମାନଙ୍କର ଗୋଟିଏ ଆଙ୍ଗୁଠି ମଧ୍ୟ ପଶିପାରିବ ନାହିଁ । ଆଉ ବିରାଟକାୟ ଶରୀର ଯୋଗୁଁ ରାସ୍ତା-ଗଳିରେ ସେମାନେ କେମିତି ଅଟକି ଯାଆନ୍ତି ନାହିଁ ? ଯଦି କୁହ ଯେ ସେମାନେ ସୂକ୍ଷ୍ମ ଶରୀର ବି ଧାରଣ କରିନିଅନ୍ତି, ତେବେ ତାଙ୍କର ପ୍ରଥମରେ ଥିବା ପର୍ବତ ସଦୃଶ ଶରୀରର ବଡ଼-ବଡ଼ ହାଡ଼ସବୁ ପୋପ୍‌ଙ୍କ ବିନା ଆଉ କାହା ଘରେ ରଖୁଥିବେ ? ଯେତେବେଳେ ଜଙ୍ଗଲରେ ନିଆଁ ଲାଗିଯାଏ ସେତେବେଳେ ପିମ୍ପୁଡ଼ି ଆଦି ଅସଂଖ୍ୟ ଜୀବଙ୍କ ମୃତ୍ୟୁ ଘଟେ । ସେମାନଙ୍କୁ ନେବା ସକାଶେ ଅସଂଖ୍ୟ ଯମଦୂତ ଆସୁଥିବେ । ତେବେ ତ ସେ ସ୍ଥାନରେ ଅନ୍ଧକାର ହୋଇଯାଉଥିବ ।

**ଅବଶିଷ୍ଟାଂଶ ପୃଷ୍ଠା-୧୯ରେ...**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୩୬ | ୨୯୬ | ୮୩୨ | ୧୭. | ଜଗତସିଂହପୁର | ୨୬ | ୦୨ | ୨୮ |
| ୦୨. | ଖୋର୍ଦ୍ଧା | ୩୩୬ | ୬୫ | ୪୦୧ | ୧୮. | ନୟାଗଡ଼ | ୨୩ | ୧୧ | ୩୪ |
| ୦୩. | କଟକ | ୨୯୪ | ୧୦୬ | ୪୦୦ | ୧୯. | ବୌଦ୍ଧ | ୨୨ | ୨୪ | ୪୬ |
| ୦୪. | ସୁନ୍ଦରଗଡ଼ | ୨୫୫ | ୧୯୯ | ୪୫୪ | ୨୦. | ଭଦ୍ରକ | ୨୨ | ୨୩ | ୪୫ |
| ୦୫. | ବରଗଡ଼ | ୨୨୮ | ୧୩୬ | ୩୬୪ | ୨୧. | ଢେଙ୍କାନାଳ | ୨୦ | ୨୫ | ୪୫ |
| ୦୬. | କୋରାପୁଟ | ୧୦୪ | ୪୭ | ୧୫୧ | ୨୨. | ଝାରସୁଗୁଡ଼ା | ୧୭ | ୦୧ | ୧୮ |
| ୦୭. | ବଲାଙ୍ଗିର | ୧୦୩ | ୫୦ | ୧୫୩ | ୨୩. | କେନ୍ଦୁଝର | ୧୬ | ୦୦ | ୧୬ |
| ୦୮. | ସୁବର୍ଣ୍ଣପୁର | ୮୩ | ୭୨ | ୧୫୫ | ୨୪. | କଳାହାଣ୍ଡି | ୧୫ | ୦୨ | ୧୭ |
| ୦୯. | ସମ୍ବଲପୁର | ୬୩ | ୪୩ | ୧୦୬ | ୨୫. | ଗଜପତି | ୧୦ | ୦୭ | ୧୭ |
| ୧୦. | ରାୟଗଡ଼ା | ୬୨ | ୨୮ | ୯୦ | ୨୬. | ଯାଜପୁର | ୦୯ | ୦୩ | ୧୨ |
| ୧୧. | ଅନୁଗୁଳ | ୫୪ | ୧୬ | ୭୦ | ୨୭. | କେନ୍ଦ୍ରାପଡ଼ା | ୦୭ | ୦୧ | ୦୮ |
| ୧୨. | ମୟୂରଭଞ୍ଜ | ୫୦ | ୧୧ | ୬୧ | ୨୮. | ଦେବଗଡ଼ | ୦୫ | ୦୦ | ୦୫ |
| ୧୩. | କନ୍ଧମାଳ | ୪୮ | ୮୬ | ୧୩୪ | ୨୯. | ନୂଆପଡ଼ା | ୦୨ | ୦୨ | ୦୪ |
| ୧୪. | ବାଲେଶ୍ୱର | ୪୮ | ୦୮ | ୫୬ | ୩୦. | ନବରଙ୍ଗପୁର | ୦୧ | ୦୧ | ୦୨ |
| ୧୫. | ପୁରୀ | ୪୦ | ୦୨ | ୪୨ | ୩୧. | ଅନ୍ୟାନ୍ୟ | ୫୭ | ୦୦ | ୫୭ |
| ୧୬. | ମାଲକାନଗିରି | ୩୫ | ୬୭ | ୧୦୨ | | **ମୋଟ** | **୨୫୯୧** | **୧୩୩୦** | **୩୯୨୧** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୧୧ | ୦୮ | ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୫ | ୧୮ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୮୫ | ୦୪ | ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୦୮ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୭୨ | ୩୧ | ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୦୭ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୭୨ | ୨୧ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୪ | ୧୨ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୭୧ | ୦୬ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୪ | ୦୮ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୪୬ | ୨୫ | ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୦ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୪୧ | ୬୪ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୯ | ୦୬ | ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୮ | ୨୩ | ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୬ | ୭୧ | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୩ | ୫୦ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୩୬ | ୯୭ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୩ | ୩୧ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୧ | ୦୨ | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୩ | ୦୨ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୩୧ | ୦୨ | ବେଦ ପ୍ରଚାର ସମିତି, କଟକ | | ୧୩ | ୦୦ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ | ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୯ | ୧୨ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୨ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୫ | ୫୯ | ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୫ | ୦୦ | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧୨ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୧ | ୩୧ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୩ | ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୩୦ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୦ | ୦୩ | ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୧୧ | ୨୬ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୨୦ | ୦୧ | ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୧୧ | ୦୮ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୯ | ୦୯ | ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୧୧ | ୦୬ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୯ | ୦୧ | ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୧ | ୦୩ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୦୦ | ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୮ | ୦୪ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୧ | ୦୦ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୦୦ | ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୧୧ | ୦୦ |
| ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୭ | ୦୮ | ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୧୬ | ୧୮ | ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୧ |
| ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୬ | ୧୭ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୬ | ୦୧ | ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୦୦ | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |

| | | | |
|---|---|---|---|
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୧୦ | ୧୧ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୧ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୧୦ | ୦୦ |
| ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୦ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୯ | ୧୫ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୩ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୯ | ୦୦ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୮ | ୧୧ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୮ | ୦୮ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୦୭ |
| ଶ୍ରୀମାନ୍ ଶିବ ସେଠୀ | ଖୋର୍ଦ୍ଧା | ୦୮ | ୦୭ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୮ | ୦୬ |
| ବେଦ ପ୍ରଚାର ସମିତି, ଜୟପୁର | | ୦୮ | ୦୩ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୧ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ପ୍ରଦୀପ କୁମାର ପାଣିଗ୍ରାହୀ | ସୁନ୍ଦରଗଡ଼ | ୦୭ | ୧୯ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୭ | ୧୬ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୭ | ୧୨ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୭ | ୧୦ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୦୧ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୭ | ୦୦ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୭ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୭ | ୦୦ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମତୀ ନିତମ୍ବିନୀ ସ୍ୱାଇଁ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୬ | ୪୬ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୬ | ୧୬ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୧୨ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୦୭ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୬ | ୦୬ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୬ | ୦୬ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୦୫ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୬ | ୦୩ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୧ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୬ | ୦୦ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୧୬ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୫ | ୦୩ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୨ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୦୨ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୧ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୫ | ୦୦ |
| ଶ୍ରୀମତୀ ସୁବାସିନୀ ଦେବୀ | ଖୋର୍ଦ୍ଧା | ୦୫ | ୦୦ |

| | | | |
|---|---|---|---|
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ମିନତି ସାମନ୍ତରାୟ | କୋରାପୁଟ | ୦୫ | ୦୦ |
| ଶ୍ରୀମାନ୍ କାମେଶ୍ୱର ସାହୁ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୪ | ୨୫ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୪ | ୦୯ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୪ | ୦୭ |
| ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୪ | ୦୩ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୦୨ |
| ଶ୍ରୀମାନ୍ ସୁଧାକର ବେହେରା | ଜଗତସିଂହପୁର | ୦୪ | ୦୧ |
| ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୪ | ୦୦ |
| ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୦ |
| ଆର୍ଯ୍ୟ ସମାଜ ରାୟଗଡ଼ା | | ୦୪ | ୦୦ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୦ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ପ୍ରତାପ କୁମାର ବେହେରା | ବଲାଙ୍ଗିର | ୦୪ | ୦୦ |
| ଇଂ. ନିରଞ୍ଜନ ପଣ୍ଡା | କୋରାପୁଟ | ୦୪ | ୦୦ |
| ଶ୍ରୀମାନ୍ ବାସୁଦେବ ହୋତା | ରାୟଗଡ଼ା | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମତୀ ଟି. ବବିତା | ବ୍ରହ୍ମପୁର | ୦୪ | ୦୦ |
| ଇଂ. ସୁଶୀଲ କୁମାର ମହାପାତ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ସୁନ୍ଦରଗଡ଼ | ୦୪ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ | ମୟୂରଭଞ୍ଜ | ୦୪ | ୦୦ |
| ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର | କଟକ | ୦୪ | ୦୦ |
| ଶ୍ରୀମାନ୍ ପ୍ରଭାତ କୁମାର ମାଝୀ | କୋରାପୁଟ | ୦୩ | ୪୨ |
| ଶ୍ରୀମାନ୍ ଗୌରଚନ୍ଦ୍ର ପାତ୍ର | ଗଞ୍ଜାମ | ୦୩ | ୨୧ |
| ଶ୍ରୀମାନ୍ ସଞ୍ଜୟ କୁମାର ମଣ୍ଡଳ | ନୟାଗଡ଼ | ୦୩ | ୦୭ |
| ଶ୍ରୀମାନ୍ ଜି. କାଶୀନାଥ | ଗଞ୍ଜାମ | ୦୩ | ୦୪ |
| ଶ୍ରୀମାନ୍ ପ୍ରୀତିବାସ ପୁଟେଲ | ବଲାଙ୍ଗୀର | ୦୩ | ୦୪ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୦୨ |

| | | | |
|---|---|---|---|
| କୁମାରୀ କବିତା ବିଶ୍ୱାଳ | ମାଲକାନଗିରି | ୦୩ | ୦୨ |
| ବେଦ ପ୍ରଚାର ସମିତି, ଟିଟିଲାଗଡ଼ | | ୦୩ | ୦୧ |
| ଶ୍ରୀମାନ୍ ପଦ୍ମଲୋଚନ ତାଣ୍ଡି | ବଲାଙ୍ଗିର | ୦୩ | ୦୧ |
| ଶ୍ରୀମାନ୍ ରାଧାଶ୍ୟାମ ସ୍ୱାଇଁ | କଟକ | ୦୩ | ୦୧ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ସଚ୍ଚିଦାନନ୍ଦ ବେହେରା | କଟକ | ୦୩ | ୦୦ |
| ଶ୍ରୀମାନ୍ ଅଭୟ କୁମାର ରଣା | କଟକ | ୦୩ | ୦୦ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୦୦ |
| ଶ୍ରୀମତୀ କସ୍ତୁରୀ ଭୂୟାଁ | କଟକ | ୦୩ | ୦୦ |
| ଶ୍ରୀମାନ୍ ପ୍ରଶାନ୍ତ କୁମାର ନାୟକ | ବରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୩ | ୦୦ |
| ଶ୍ରୀମାନ୍ କେ.ଉମେଶରାଓ ପାତ୍ର | ବଲାଙ୍ଗିର | ୦୩ | ୦୦ |
| ଇଂ. ଅଭୟ କୁମାର ବିଶ୍ୱାଳ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ମୟୂରଭଞ୍ଜ | ୦୩ | ୦୦ |
| ଶ୍ରୀମାନ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ଗଞ୍ଜାମ | ୦୩ | ୦୦ |
| ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନୁଗୁଳ | ୦୩ | ୦୦ |
| ଶ୍ରୀମାନ୍ ଯାଜ୍ଞବଲକ୍ୟ ମିଶ୍ର | ସୁନ୍ଦରଗଡ଼ | ୦୩ | ୦୦ |
| ଶ୍ରୀମତୀ ରେଖାରାଣୀ ସ୍ୱାଇଁ | କଟକ | ୦୩ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ନୀଳକଣ୍ଠ ବାରିକ | ଭଦ୍ରକ | ୦୨ | ୨୨ |
| ଶ୍ରୀମାନ୍ ବିଶ୍ୱନାଥ ଦାସ | ଗଞ୍ଜାମ | ୦୨ | ୧୦ |
| ଶ୍ରୀମତୀ ଜ୍ୟୋତ୍ସ୍ନା ମେହେର | ବରଗଡ଼ | ୦୨ | ୦୭ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ପାତ୍ର | ସୁନ୍ଦରଗଡ଼ | ୦୨ | ୦୩ |
| ଶ୍ରୀମାନ୍ ଜୀବର୍ଦ୍ଧନ ସାହୁ | ବରଗଡ଼ | ୦୨ | ୦୨ |
| ଶ୍ରୀମତୀ ଇତିଶ୍ରୀ ପାତ୍ର | ଗଞ୍ଜାମ | ୦୨ | ୦୨ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ଜେନା | ସୁନ୍ଦରଗଡ଼ | ୦୨ | ୦୧ |
| ଶ୍ରୀମତୀ ସୁଜାତା ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୧ |
| ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମାନ୍ ବ୍ରଜକିଶୋର ପଟ୍ଟନାୟକ | ଖୋର୍ଦ୍ଧା | ୦୨ | ୦୦ |
| ଶ୍ରୀମତୀ କାନନବାଳା ନାୟକ | ବାଲେଶ୍ୱର | ୦୨ | ୦୦ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ସାହୁ | ସୁନ୍ଦରଗଡ଼ | ୦୨ | ୦୦ |
| ଇଂ. ଅଜୟ କୁମାର ମିଶ୍ର | କଟକ | ୦୨ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ନାଥ ମହାରଣା | ସମ୍ବଲପୁର | ୦୨ | ୦୦ |
| ଶ୍ରୀମାନ୍ ନିର୍ମଳ କୁମାର ବିଶ୍ୱାଳ | ବଲାଙ୍ଗୀର | ୦୨ | ୦୦ |
| ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ | କଟକ | ୦୨ | ୦୦ |

(କ୍ରମଶଃ...)





ଶିବିରରେ ଭଦ୍ରକ ଆର୍ଯ୍ୟସମାଜର ପ୍ରତିଷ୍ଠାତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା




ଶିବିରର ସମାପନ ସତ୍ର



ଶିବିରାର୍ଥୀଙ୍କ ଜୀବନ ନିର୍ମାଣ ସଂକଳ୍ପ ଗ୍ରହଣ





କଟକର ନେତାଜୀ ସଂଗ୍ରହାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ସହ ଅନ୍ୟମାନେ







ଭଦ୍ରକ ଆର୍ଯ୍ୟସମାଜ ପକ୍ଷରୁ ମାନବ ନିର୍ମାଣ ଶିବିର





ଶିବିରରେ ଉପସ୍ଥିତ ଶିବିରାର୍ଥୀଗଣ

**RNI Regn. No. : ODIODI/2015/65938**

₹ 20/- Shruti Sourabha Vol. 4 Issue 2 Jan.-Feb. 2019





ମକରସଂକ୍ରାନ୍ତିରେ ବେଦଧାମର ପାଚେରୀ ନିର୍ମାଣର ଅୟମାରମ୍ଭ ପୂର୍ବରୁ ଯଜ୍ଞ





ମକରସଂକ୍ରାନ୍ତିରେ ବେଦଧାମର ପାଚେରୀ ନିର୍ମାଣର ଅୟମାରମ୍ଭ ପୂର୍ବରୁ ଯଜ୍ଞ





ବାଲେଶ୍ୱରରେ ପ୍ରାପ୍ତି ପକ୍ଷରୁ ଆଧ୍ୟାତ୍ମିକ ଆଲୋଚନାଚକ୍ର

## Shruti Sourabha

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**